

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୪ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 24 NOVEMBER 2022

Vol.No. 33 ■ No. 305 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଗୋଟିଏ ଟେବୁଲରେ ଅକ୍ଷୟ-ଶ୍ରଦ୍ଧାଞ୍ଜଳିଙ୍କୁ ଜେରା

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ଅର୍ଜନା ନାଗ ମାମଲାରେ ଚାଲିଛି ଇଡିର ଖୋଳତାଡ । ଆଜି ଦ୍ୱିତୀୟ ଦିନ ପାଇଁ ଇଡିରେ ହାଜର ହୋଇଛନ୍ତି ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜା । ଖାଲି ଅକ୍ଷୟ ନୁହେଁ, ଇଡି ଅଫିସରେ ବି ହାଜର ହେଇଛନ୍ତି ଶ୍ରଦ୍ଧାଞ୍ଜଳି ବେହେରା । ତାଙ୍କୁ ଗୁଡ଼େଇ ତୁଡ଼େଇ ପ୍ରଶ୍ନ କରିଛନ୍ତି ଇଡି ଅଧିକାରୀ । ତେବେ ଆଜି ଅକ୍ଷୟ-ଶ୍ରଦ୍ଧାଞ୍ଜଳିଙ୍କୁ ଗୋଟିଏ ଟେବୁଲରେ ଜେରା କରାଯାଇଛି । ମାଷ୍ଟର ମାଇଣ୍ଡ ଅର୍ଜନା ନାଗ, ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜା ଏବଂ ଲୁଚକାଳି ଖେଳ ଖେଳୁଥିବା ଶ୍ରଦ୍ଧାଞ୍ଜଳି ବେହେରା – ସୋସିଆଲ ମିଡ଼ିଆରୁ ଆରମ୍ଭ ହୋଇଥିବା ଏକ ସମ୍ପର୍କ, ସମୟକ୍ରମେ ଏଭଳି ରୂପରେ ସାମ୍ନାରେ ଆସିଛି, ଯେଉଁଠି ରହିଛି ସେକ୍ସଟର୍ସନ୍, ଏକ୍ସଟର୍ସନ୍ ଓ ଲକ୍ଷ ଲକ୍ଷ ଟଙ୍କାର କାରବାର । ଅକ୍ଷୟ ପରିଜାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଏବଂ ଭିଡିଓକୁ ନେଇ ବ୍ଲାକ୍ମେଲିଂ ଅଭିଯୋଗ ଭିତରେ ସାମ୍ନାକୁ ଆସିଥିଲା ଶ୍ରଦ୍ଧାଞ୍ଜଳି ବେହେରାଙ୍କ ନାଁ । ଆଉ ଗୋଟିଏ ଗୋଟିଏ ବିନ୍ଦୁ ଯୋଡ଼ି ହୋଇଥିବା ପରେ ପ୍ରଚ୍ଛଦପଟରେ ଥିଲେ ପୂରା ଘଟଣାକ୍ରମର ମାଷ୍ଟର ମାଇଣ୍ଡ ଅର୍ଜନା ନାଗ । ଆଜି ଇଡିରେ ଶ୍ରଦ୍ଧାଞ୍ଜଳି ହାଜର ହୋଇଥିବା ବେଳେ ସାମ୍ନାକୁ ଆସିଛି ତାଙ୍କର କିଛି ଭିଡିଓ । ଯାହା ପ୍ରମାଣ କରିଦେଉଛି, ଫିଲ୍ମ ଓ ମନୋରଞ୍ଜନ ଦୁନିଆ ପ୍ରତି ତାଙ୍କର କେତେ ବଡ଼ ଆକର୍ଷଣ ଥିଲା । ଆଉ ଏହି ଆକର୍ଷଣ, ଫିଲ୍ମ ପ୍ରଯୋଜକଙ୍କ ସହ ସମ୍ପର୍କ ସ୍ଥାପନ ପାଇଁ ହୁଏତ ଖୋରାକ ଯୋଗାଇ ଥିଲା । ପ୍ରାୟ ଗୋଟିଏ ସପ୍ତାହ ଯାଏଁ ଧରାଛୁଆଁ ଦେଉଥିବା ଶ୍ରଦ୍ଧାଞ୍ଜଳିଙ୍କୁ ଏବେ ଗୁଡ଼େଇ ତୁଡ଼େଇ ପ୍ରଶ୍ନ କରିଛନ୍ତି ଇଡି ଅଧିକାରୀ । ଚକମା ଦେଇ ଲୁଚିଛପି ବୁଲୁଥିବା ଶ୍ରଦ୍ଧାଞ୍ଜଳି, ଇଡିରେ ହାଜର ହେବା ପୂର୍ବରୁ ୨୫ଟି ଲୋକେସନ୍ ବି ବଦଳାଇଥିଲେ । ହେଲେ ଏବେ ଇଡି ପଞ୍ଜାରେ ଶ୍ରଦ୍ଧାଞ୍ଜଳି ବେହେରା । ସେପଟେ କ୍ରମାଗତ ଦ୍ୱିତୀୟଦିନ ପାଇଁ ଇଡି ଜେରାର ସମ୍ମୁଖୀନ ହୋଇଛନ୍ତି ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜା । ଗତକାଲି ପ୍ରାୟ ୫ ଘଣ୍ଟାର ଜେରା ପରେ ଆଜି ବି ମାରାଥନ ଜେରାର ସମ୍ମୁଖୀନ ହୋଇଛନ୍ତି ଅକ୍ଷୟ । କୁହଯାଉଛି ଉଭୟ ଅକ୍ଷୟ ପରିଜା ଓ ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ମୁହାଁମୁହିଁ ଜେରା କରିପାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଅତି ନାଟକୀୟ ଢ଼ଙ୍ଗରେ ଆରମ୍ଭ ହୋଇଥିଲା ଅକ୍ଷୟ ଏବଂ ଶ୍ରଦ୍ଧାଞ୍ଜଳିଙ୍କ ସମ୍ପର୍କ । ପ୍ରଥମେ ବନ୍ଧୁତା ସ୍ଥାପନ, ପରେ ଫିଲ୍ମରେ ଅଭିନୟ ପାଇଁ ସୁଯୋଗ ଦେବାକୁ ନିବେଦନ । ଏମିତି କି ଶ୍ରଦ୍ଧାଞ୍ଜଳି ପାର୍ଲର କରିବା ପାଇଁ ଅକ୍ଷୟ ପରିଜାଙ୍କୁ ▶▶ପୃଷ୍ଠା ୭

ଆଜିଠାରୁ ବିଧାନସଭାର ଶୀତକାଳୀନ ଅଧିବେଶନ

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ଗୁରୁବାର ଠାରୁ ବିଧାନସଭାର ଶୀତକାଳୀନ ବିଧାନସଭା ଅଧିବେଶନ ଆରମ୍ଭ ହେଉଥିବା ବେଳେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂସଲ କମିଶନରେଟ ପୁଲିସ୍ କରିଥିବା ସୁରକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିଛନ୍ତି । ଏହି ଅବସରରରେ ତାଙ୍କ ସହ ଆଇନ ଶୃଙ୍ଖଳା ଏଡିଜି, ଗୁଇନ୍ଦା ଡିଆଇଜି, ପୁଲିସ କମିଶନର, ଭୁବନେଶ୍ୱର ଡିସିପି, ଟ୍ରାଫିକ ଡିସିପି ଓ ବରିଷ୍ଠ ଅଧିକାରୀ ସାମିଲ ଥିଲେ । ମିଳିଥିବା ସୂଚନା ଅନୁସାରେ ଶୀତକାଳୀନ ଅଧିବେଶନର ସୁରକ୍ଷା ବ୍ୟବସ୍ଥା ପାଇଁ କମିସନରେଟ୍ ପୁଲିସ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛି। ଏହି ସମୟରେ ୩ ସ୍ତରୀଯ ସୁରକ୍ଷା ବଳୟ ମଧ୍ୟରେ ରହିବ ବିଧାନସଭା। ବିଧାନସଭା ଏବଂ ଆଖପାଖ ଅଂଚଳକୁ ପୁଲିସ ଛାଉଣିରେ ପରିଣତ କରାଯିବ। ଏଥିପାଇଁ ୩୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବ। ସୁରକ୍ଷାକୁ ଅଧିକ କଡ଼ାକଡ଼ି ପାଇଁ ବିଧାନସଭା ଗେଟ୍, ରବୀନ୍ଦ୍ରମଣ୍ଡପ ଗେଟ୍, ଲୋୟର ପିଏମ୍‌ଜି ଆଦି ୫ଟି ସ୍ଥାନରେ ୫ଟି ଅସ୍ଥାୟୀ ପୁଲିସ କଣ୍ଟ୍ରୋଲ ରୁମ୍ କରାଯାଇଛି। ଡିସିପି ପ୍ରତୀକ ସିଂଙ୍କ ନେତୃତ୍ୱରେ ୫ଜଣ ଅତିରିକ୍ତ ଡିସିପି, ୧୧ଜଣ ଡିଏସ୍‌ପି ପାହ୍ୟାର ଅଧିକାରୀ, ୧୩ଜଣ ଆଇଆଇସିଙ୍କୁ ମିଶାଇ ୧୦୦ରୁ ଅଧିକ ଅଧିକାରୀ ଦାୟିତ୍ୱରେ ରହିବେ। ସେହିପରି ଷ୍ଟ୍ରାଇକିଂ ଫୋର୍ସ, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍, ଅଗ୍ନିଶମ ବିଭାଗ ଆଦି ସବୁ ଦିଗ ଉପରେ ନଜର ରଖିବେ। ବିଧାନସଭାଠାରୁ ଆରମ୍ଭ କରି ଲୋୟର ପିଏମ୍‌ଜି, ରବୀନ୍ଦ୍ରମଣ୍ଡପ ଛକ ଏବଂ ସଂଲଗ୍ନ ରାସ୍ତାରେ ସିସିଟିଭି ଲଗାଯାଇଥିବା ନେଇ ସୂଚନା ଦିଆଯାଇଛି । ଡିସିପି ଶ୍ରୀ ସିଂ କହିଛନ୍ତି, ଚଳିତଥର ବିଧାନସଭା ଅଧିବେଶନ ପାଇଁ ବିଧାନସଭା ଚାରିପଟେ ସଶସ୍ତ୍ର ସୁରକ୍ଷା ବାହିନୀ ଅହୋରାତ୍ର ଜଗି ରହିବେ। ବିଧାନସଭା ଛାତ ଉପରେ ମଧ୍ୟ ପୁଲିସ ରହିବେ। ପ୍ରବେଶ ପଥରେ ଦୁଇଟି ଚେକ୍‌ପୋଷ୍ଟ କରାଯାଇଛି।

ଯାଜପୁର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାକୁ ଛାନିଆ କଲା ବିସ୍ଫୋରଣ ଭଳି ଶବ୍ଦ

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ପ୍ରଚଣ୍ଡ ଶବ୍ଦରେ ଥରିଛି ୩ ଜିଲ୍ଲା । ଯାଜପୁର, କେନ୍ଦୁଝର ଓ ଭଦ୍ରକ ଆଜି ପ୍ରଚଣ୍ଡ ଶବ୍ଦରେ ଥରିଉଠିଛି । ୧୦୦ କିଲୋମିଟର ପର୍ଯ୍ୟନ୍ତ ଶବ୍ଦ ଅନୁଭୂତ ହୋଇଛି । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ପ୍ରଚଣ୍ଡ ଶବ୍ଦରେ କମ୍ପିଉଠିଥିଲା ପୂରା ପରିବେଶ । ଯାହା ଫଳରେ ଭୟରେ ଘରୁ ବାହାରି ଆସିଥିଲେ ଲୋକେ । ବିସ୍ଫୋରଣ ଭଳି ବିରାଟ୍ ଶବ୍ଦ ପରେ ହଠାତ୍ ଥରିଉଠିଲା ୩ ଜିଲ୍ଲା । ଯାଜପୁର, ଭଦ୍ରକ ଓ କେନ୍ଦୁଝରର ଆନନ୍ଦପୁରରେ ଶବ୍ଦ ଓ କମ୍ପନ ଅନୁଭୂତ ହୋଇଛି । ଲୋକଙ୍କ କହିବା ହେଲା ଖୁବ ଜୋରରେ ଶବ୍ଦ ହେବା ସେମାନେ ଶୁଣିଛନ୍ତି । କେତେକ ସ୍ଥାନରେ ଘର ଓ ଅଫିସରେ ଆସବାବପତ୍ର ଦୋହଲିବା ସହ ଭୂମିକମ୍ପ ଭଳି ଚଟାଣ ଥରିବା ଅନୁଭୂତ ହୋଇଛି । ତେବେ କାହିଁକି ଏଭଳି ଶବ୍ଦ ଶୁଣାଗଲା ଓ ହଠାତ ଭୂମି ଥରିବାକୁ ଲାଗିଲା ତାହା ଜଣାପଡିନାହିଁ । ଖଣି ଅଞ୍ଚଳରେ ନିୟମିତ ହେଉଥିବା ବିସ୍ଫୋରଣ କାରଣରୁ ଏଭଳି ପ୍ରଭାବ ପଡିଥାଇପାରେ ବୋଲି ଆଶଙ୍କା କରୁଛନ୍ତି । ଯାଜପୁର କୋରେଇ ଥାନା ଧନେଶ୍ୱର ଛକରେ ଭୟାବହ ଅଗ୍ନିକାଣ୍ଡ ହୋଇଛି । ଏକ କବାଡ଼ି ଗୋଦାମରେ ଭୟଙ୍କର ନିଆଁ ଲାଗିବାର ଚିତ୍ର ସାମ୍ନାକୁ ଆସିଛି । କର୍ମଚାରୀମାନେ ଆବର୍ଜନାକୁ ପୋଡୁଥିବାବେଳେ ଅସାବଧାନତାରୁ ନିଆଁ ଲାଗିଯାଇଥିଲା । ଲୋକଙ୍କ ଭିତରେ ସନ୍ଦେହ ବଢିଥିଲା ଏହି କବାଡିଖାନାରେ ଥିବା କିଛି ସାମଗ୍ରୀ ବିସ୍ଫୋରଣ ଭଳି ଶବ୍ଦ କରିଥାଇପାରେ । ହେଲେ ବିସ୍ଫୋରଣର ଶବ୍ଦ ପ୍ରାୟ ୧୦୦ କିଲୋମିଟର ଯାଏଁ ଶୁଣାଯାଇଥିବା ମଧ୍ୟ କୁହାଯାଉଛି । ଯାହାର ପ୍ରଭାବ ୩ଟି ଜିଲ୍ଲାରେ ଅନୁଭୂତ ହୋଇଛି । ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାସ ଟ୍ୱିଟ୍ କରି କହିଛନ୍ତି, ଏପରି ବିସ୍ଫୋରଣ ବର୍ଣ୍ଣନା କରିବା ସହଜ ନୁହେଁ । କିନ୍ତୁ ଏହା ଏକ ଭୂମିକମ୍ପର ସୂରୂପ ବୋଲି କୁହାଯାଇପାରେ । ଯାହାକି ଶବ୍ଦ କରେ କିନ୍ତୁ କୌଣସି କ୍ଷତି କରେ ନାହିଁ ।

ଗୁଣ୍ଡାଗର୍ଦ୍ଦି କରୁଛି ବିଜେଡି : ପ୍ରଦୀପ ପୁରୋହିତ

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ପଦ୍ମପୁରରେ ବିଜେଡି ପ୍ରଚାର କରାଇ ଦେଉନି । ଲୋକ ଲଗାଇ ବିଜେପି ନେତାଙ୍କୁ ମାରପିଟ କରୁଛନ୍ତି ଶାସକ ଦଳର ନେତା । ବିଜେପିର ବିଧାୟକ ପ୍ରାର୍ଥୀ ପ୍ରଦୀପ ପୁରୋହିତ ଆଜି ମିଡିଆ ଆଗରେ ଏହାକହି ଭାବବିହ୍ୱଳ ହୋଇଛନ୍ତି । ଯାହା ପଦ୍ମପୁରରେ ରାଜନୀତିର ପାରା ବଢାଇଛି । ସେପଟେ ବିଜେଡି ଏପରି ଅଭିଯୋଗକୁ ଖଣ୍ଡନ କରିଛି । ଭାବବିହ୍ୱଳ ହୋଇ ଭୋଟ୍ ହାତେଇବାକୁ ପୁରୋହିତ ପ୍ରୟାସ କରୁଛନ୍ତି ବୋଲି ବିଜେଡି ନେତା କହିଛନ୍ତି । ଅନ୍ୟପଟେ ଦଳୀୟ ପ୍ରଚାରକୁ ଆସି ବିଜେପି ନେତ୍ରୀ ରାଧାରାଣୀ ପଣ୍ଡା ନିଜ ଦଳର ନେତାଙ୍କ ବିରୋଧରେ ବର୍ଷିଛନ୍ତି । ସେ କହିଛନ୍ତି, ଯିଏ ତାଙ୍କୁ ବ୍ରଜରାଜନଗର ଉପନିର୍ବାଚନରେ ହରାଇଥିଲେ ସେହି ବ୍ୟକ୍ତି ପଦ୍ମପୁର ଦାୟିତ୍ୱରେ ଅଛନ୍ତି । ତେବେ ଏହି ନେତା କିଏ ? ନିର୍ବାଚନ ପ୍ରଚାର କରାଇ ଦେଉନାହାନ୍ତି ଶାସକ ଦଳର ନେତା । ଏପରି ଅଭିଯୋଗ ଆଣିଛନ୍ତି ବିଜେପିର ବିଧାୟକ ପ୍ରାର୍ଥୀ ପ୍ରଦୀପ ପୁରୋହିତ । ମିଡିଆ ଆଗରେ ମଙ୍ଗଳବାର ଦିନ ଘଟିଥିବା ଘଟଣା ବଖାଣି ଭାବ ବିହ୍ୱଳ ହୋଇପଡିଛନ୍ତି ପ୍ରଦୀପ । ପଦ୍ମପୁର ଉପନିର୍ବାଚନ ପାଇଁ ସମସ୍ତେ ପ୍ରଚାର କରୁଛନ୍ତି । ହେଲେ ବିଜେପିର ପ୍ରଚାରକୁ ରୋକିବାକୁ ଶାସକ ଦଳ ନେତା ପ୍ରୟାସ କରୁଛନ୍ତି । ଏମିତିକି ବିଜେପି ନେତାଙ୍କୁ ମାଡ ମାରିଲେ ବିଜେଡି ପୁରସ୍କାର ଦେବ ବୋଲି ଘୋଷଣା କରିଥିବା ପ୍ରଦୀପ ପୁରୋହିତ କହିଛନ୍ତି । ମନ୍ତ୍ରୀ ଟୁକୁନି ସାହୁ, ନବ ଦାସ ଏବଂ ନିରଂଜନ ପୂଜାରୀଙ୍କ ନାଁ ନେଇ ଏଭଳି କହିଛନ୍ତି । ପଦ୍ମପୁରରେ ଉପନିର୍ବାଚନ ପାଇଁ ଏକାଠି ହୋଇଛନ୍ତି ବିଜେପିର ପଶ୍ଚିମ ଓଡିଶାର ନେତା । ଦଳର ପ୍ରାର୍ଥୀକୁ ଜିତାଇବାକୁ ସମସ୍ତେ ପ୍ରୟାସ କରୁଛନ୍ତି ବୋଲି କୁହାଯାଉଛି । ହେଲେ ଏହି ସମୟରେ ଝାରସୁଗୁଡା ବ୍ରଜରାଜନଗର ଉପନିର୍ବାଚନ ହାରିବା ପଛର କାରଣ କହିଛନ୍ତି ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା । ସେ କହିଛନ୍ତି, ତାଙ୍କୁ ହରାଇବାକୁ ଜଣେ ବରିଷ୍ଠ ନେତା ଦଳ ପାଇଁ ଆତ୍ମଘାତୀ କାମ କରିଥିଲେ । ଆଉ ଏବେ ସେହି ନେତା ପଦ୍ମପୁର ଦାୟିତ୍ୱରେ ଅଛନ୍ତି ।

ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାୟକଙ୍କ ପରଲୋକ

ବାରିପଦା, ୨୩/୧୧ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ଗୋଲକ ବିହାରୀ ନାୟକଙ୍କର ଆଜି ସକାଳେ ପରଲୋକ ଘଟିଥିବାର ଜଣାଯାଇଛି । ସେ ଦୀର୍ଘ ଦିନରୁ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ ତେବେ ବୁଧବାର ବାରିପଦାର ଏକ ଘରୋଇ ନର୍ସିଂହୋମରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା । ସୂଚନା ମୁତାବକ, ଗୋଲକ ବିହାରୀ ନାୟକ ବିଜେପି ଦଳର ଜଣେ ତୁଙ୍ଗ ନେତା ଭାବରେ ବିଜେପି ବିଜେଡି ମିଳିତ ସରକାର ରେ ୨୦୦୦ ରୁ ୨୦୦୪ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟିରୁ ଯୋଜନା ସମନ୍ୱୟ ଓ ପେନସନ ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇ ଥିଲେ । ପୁଣି ଥରେ ୨୦୦୪ ରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେପିରୁ ମତ୍ସ୍ୟ ଓ ପଶୁ ସମ୍ପଦ ଓ ହସ୍ତତନ୍ତ ଓ ବୟନ ଶିଳ୍ପର କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ରେ ଥିଲେ । ତେବେ ୨୦୧୪ ରେ ସେ ଦଳ ପରିବର୍ତ୍ତନ କରି ବିଜେଡି ଟିକଟରେ ଲଡି ଉଦଳା ନିର୍ବାଚନ ମଣ୍ଡଳିର ବିଧାୟକ ଭାବରେ ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ତାଙ୍କ ରାଜନୈତିକ କ୍ୟାରିୟର ଖୁଂଟାର ଜିଲ୍ଲାପରିଷଦ ସଦସ୍ୟ ଭାବରେ ଆରମ୍ଭ କରିଥିଲେ । ତେବେ ସେଜଣେ ମେଳାପୀ ସୁସଂଗଠକ ଥିବାରୁ ତାଙ୍କୁ ଦଳମତ ନିର୍ବିଶେଷରେ ସମସ୍ତେ ଭଲପାଉଥିଲେ । ତାଙ୍କ ବିୟୋଗରେ ଶୋକର ଛାୟା ଖେଳି ଯାଇଥିବା ବେଳେ, ସାରା ଓଡିଶାରୁ ବିଭିନ୍ନ ବର୍ଗର ଲୋକେ ଶ୍ରଦ୍ଧାଂଜଳି ଜଣାଇଛନ୍ତି ।

ମନ୍ତ୍ରୀଙ୍କ ସହ ବୈଠକ ପଡିଲା ମହଙ୍ଗା: ନିଲମ୍ବିତ ହେଲେ ତିନି ଅଧ୍ୟାପକ

ଭୁବନେଶ୍ୱର, ୨୩/୧୧ (ନି.ପ୍ର): କଲେଜ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲା ମନ୍ତ୍ରୀଙ୍କ ବିରୋଧରେ କେବେ । ରାଜ୍ୟ ବିଜେପି ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଏଭଳି ପ୍ରଶ୍ନ କରିଛନ୍ତି । ବରଗଡ ଜିଲ୍ଲା ପଦ୍ମପୁରରେ ଉପନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଛି । ଏହି ସମୟରେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ କଲେଜର ଅଧ୍ୟାପକଙ୍କୁ ନେଇ ବୈଠକ କରିଥିଲେ । ଏହି ଅଧ୍ୟାପକ ହେଲେ କଲେଜର ଇତିହାସ ଅଧ୍ୟାପକ କୃଷ୍ଣ ମୋହନ ପଣ୍ଡା, ମାଣ୍ଡୋଶିଳ ଡିଗ୍ରୀ କଲେଜର ଇନଚାର୍ଜ ଅଧ୍ୟକ୍ଷ ବିନୟ ରଂଜନ ପଣ୍ଡା ଏବଂ ରାଜନୀତି ବିଜ୍ଞାନ ଅଧ୍ୟାପକ ସୁଧୀର କୁମାର ରଥ । ଏମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବରଗଡ ଜିଲ୍ଲା ନିର୍ବାଚନ ଅଧିକାରୀ । ନଭେମ୍ବର ୧୯ ତାରିଖରେ ସରକାରୀ ସ୍କୁଲ ଓ ସରକାରୀ କଲେଜର ଅଧ୍ୟାପକକୁ ନେଇ ମନ୍ତ୍ରୀ ରୋହିତ ପୂଜାରୀ ବୈଠକ କରିଥିଲେ । ଏହା ନିର୍ବାଚନ ସଂକ୍ରାନ୍ତୀୟ ଥିଲା ବୋଲି ବିଜେପି ଅଭିଯୋଗ କରିଥିଲା ।

ଯୋରନ୍ଦା ମହିମାଗାଦିରେ ପୁରାତନ ମନ୍ଦିର ଭଙ୍ଗାଯିବା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଯୋରନ୍ଦା ମହିମାଗାଦିରେ ପୁରାତନ ମନ୍ଦିର ଭଙ୍ଗାଯିବା ଘଟଣାରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଃଖ ପ୍ରକାଶ କରିଛନ୍ତି । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଯୋରନ୍ଦା ମହିମାଗାଦିରେ ଥିବା ପ୍ରାୟ ୯୫ ବର୍ଷର ପୁରାତନ ମନ୍ଦିର ଗୁଡ଼ିକୁ ଭଙ୍ଗାଯିବାର ଦୃଶ୍ୟ ଦେଖି ମନ କଷ୍ଟ ହେଲା । ରାଜ୍ୟ ସରକାର ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ପାଇଲା ପରେ ପ୍ରଥମେ ପରମ ପୂଜ୍ୟ ସାଧୁ ସନ୍ଥ ମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଅନ୍ୟତ୍ର ଥଇଥାନ କରିବା ପରେ ପଦକ୍ଷେପ ନେଇଥିଲେ ଉଚିତ୍ ହୋଇଥାନ୍ତା । ଏହି ଘଟଣା ଦେଶର ମହିମା ଧର୍ମାବଲମ୍ବୀଙ୍କ ଆସ୍ଥା ଓ ବିଶ୍ୱାସକୁ ବହୁତ ଆଘାତ୍ ଦେଇଛି । ଢେଙ୍କାନାଳ ଜିଲ୍ଲାପାଳଙ୍କ ସହ ମୁଁ ଏହି ବିଷୟରେ କଥା ହୋଇଛି । ଉଭୟ ପକ୍ଷର ପରମ ପୂଜ୍ୟ ସାଧୁ ସନ୍ଥମାନେ ନିଜ ନିଜ ଭିତରେ ଆଲୋଚନା କରି ସମସ୍ୟାର ସମାଧାନର ରାସ୍ତା ବାହାର କଲେ ସମାଜକୁ ସଠିକ୍ ମାର୍ଗଦର୍ଶନ ମିଳିପାରିବ ବୋଲି ମୁଁ ଆଶା କରୁଛି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ।

ଦିନକରେ ୨୮ ହଜାରରୁ ଅଧିକ ସଂକ୍ରମିତ ଚିହ୍ନଟ

ବେଜିଂ, ୨୩/୧୧ : ପୁଣି କଡ ଲେଉଟାଇଲାଣି ମହାମାରୀ କରୋନା। କିଛି ଦିନର ବ୍ୟବଧାନ ପରେ ପୁଣି ମେଲାଇଲାଣି କାୟା। ଦିନକରେ ଏକାଥରକେ ଚିହ୍ନଟ ହେଲେ ୨୮ ହଜାରରୁ ଅଧିକ ସଂକ୍ରମିତ। ଏହାକୁ ନେଇ ଏବେ ପୁଣି ଥରେ ଚୀନ୍‌ରେ ଆତଙ୍କ ଖେଳିଯାଇଛି। ଫଳରେ ଏଠାକୁ ପୁଣି ଥରେ ଲକ୍‌ଡାଉନ୍ ଫେରିଛି। ଚୀନ୍‌ର ରାଜଧାନୀ ବେଜିଂରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦୁଇ ଦିନରେ ଅସ୍ୱାଭାବିକ ଭାବେ ବଢ଼ି ଚାଲିଛି। ସୋମବର ଏଠାରେ ଦୈନିକ ସଂକ୍ରମଣ ୨୮ ହଜାର ୧୨୮ରେ ପହଞ୍ଚିଛି। ସେହିପରି ମଙ୍ଗଳବର ଏହି ସଂଖ୍ୟା ଦୁଇ ଗୁଣ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଚୀନର ସବୁଠୁ ବଡ଼ ଜିଲ୍ଲା ବାଇୟୁନ୍‌ରେ ଲକ୍‌ଡାଉନ୍ ଲାଗୁ କରାଯାଇଛି। ଗୁନଝାଓ ସହରରେ ଗତ ସୋମବାରରେ ୯ ହଜାର ୮୫ କରୋନା କେସ୍ ବାହାରିଥିବା ବେଳେ ପୁରା ଚୀନରେ ୨୮ ହଜାର ୧୨୮ମାମଲା ସାମ୍ନାକୁ ଆସିଛି। ଏହାପରେ ଜିରୋ କୋଭିଡ ପଲିସି ଅନୁଯାୟୀ କଡା କଟକଣା ଲାଗୁ କରାଯାଇଛି। ସମସ୍ତ ପବ୍ଲିକ୍ ଟ୍ରାନ୍ସପୋର୍ଟକୁ ବନ୍ଦ କରାଯିବା ସହ ଘରୁ ବାହାରିଲେ କରୋନା ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ସାଢ଼େ ତିନି ମିଲିୟନରୁ ଅଧିକ ଜନସଂଖ୍ୟା ଥିବା ବାଇଜୁନ୍ ଜିଲ୍ଲାରେ ସ୍କୁଲ, କଲେଜ ସମେତ ସମସ୍ତ ଶିକ୍ଷାନୁଷ୍ଠାନକୁ ଅନିର୍ଦ୍ଦିଷ୍ଟକାଳ ଯାଏଁ ଛୁଟି ଘୋଷଣା ହୋଇଛି।

ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା'ର ହିନ୍ଦୀ ରିମେକ୍ ନିର୍ମାଣ କରିବେ ଅନୁପମ ଖେର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୩/୧୧ (ନି.ପ୍ର): ଭାରତ ଅନ୍ତର୍ଜାତୀୟ ଚଳ

ଆଧୁନିକୀକରଣ ହେବ କେନ୍ଦ୍ରାପଡାର ପୁରୁଣା ବସଷ୍ଟାଣ୍ଡ

କେନ୍ଦ୍ରାପଡ଼ା, ୨୩/୧୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର କେନ୍ଦ୍ରସ୍ଥଳୀ ପୁରୁଣା ବସଷ୍ଟାଣ୍ଡ ଅଂଚଳକୁ ଆଧୁନିକୀ କରଣ କରାଯିବ । ସର୍ବ ପ୍ରାଚୀନ ଏହି ପୌରସଂସ୍ଥାର ନିକଟରେ ଥିବା ପୁରୁଣା ବସଷ୍ଟାଣ୍ଡ ଅଂଚଳକୁ ଜବରଦଖଲ ମୁକ୍ତ କରାଯିବା ସହ ଯାତାୟତ ତଥା ଯାନବାହନ ଚଳାଚଳରେ ବାଧାସୃଷ୍ଟି କରୁଥିବା କେତେକ ନିର୍ମାଣକୁ ସ୍ଥାନାନ୍ତର କରାଯିବ । ପୁରୁଣା ବସଷ୍ଟାଣ୍ଡରେ ଥିବା ବିଦ୍ୟୁତ୍ ସବ ଷ୍ଟେସନର ସ୍ଥାନାନ୍ତର କରାଯିବା ସହ ଏହା ନିକଟରେ ଥିବା ୨୦୦ ବର୍ଷର ପୁରୁଣା ବାମ୍ପିକୁ ପୁନରୁଦ୍ଧାର କରାଯିବ । ଏହା ସହ ଜବରଦଖଲରେ ଥିବା ଘର ଗୁଡିକୁ ଭଙ୍ଗାଯାଇ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ, ରାସ୍ତା ପ୍ରଶସ୍ତୀକରଣ, ଫେବର ବ୍ଲକ ରୋଡ, ବରପୁତ୍ର ମାନଙ୍କ ସ୍ଥାପିତ ମୂର୍ତି ଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ । ଏହା ସହ ଉଜ୍ଜ୍ୱଳ ଆଲୋକୀ କରଣ ଓ ସୌନ୍ଦର୍ଯ୍ୟ କରନ କରାଯାଇ ପୁରୁଣା ବସଷ୍ଟାଣ୍ଡ ଅଂଚଳକୁ ସୁସଜ୍ଜିତ କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । ଏନେଇ ମଙ୍ଗଳବାର ପୌରଅଧକ୍ଷା ସରିତା ସାହୁଙ୍କ ନେତୃତ୍ୱରେ ଉପାଧକ୍ଷା ଆକବରୀ ଖାତୁନ, କାଉନସିଲର ଉମେଶ ନାୟକ, ସେକ ଅସଲମ, ଫରଜନା ବେଗମ, ରଶ୍ମିତା ସିଂହ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଏମଇ ଦିଲିପ ସେଠୀ, ଭୁବନେଶ୍ୱର ରୁ ଆସିଥିବା ଆଟିଟେକ୍ସର ସ୍ମୃତି ସାହାଣୀ ପ୍ରମୁଖ ପୁରୁଣା ବସଷ୍ଟାଣ୍ଡ ଅଂଚଳ ପର୍ଯ୍ୟବେକ୍ଷଣ କରିଥିଲେ । ଖୁବଶିଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ପୌର ନିର୍ବାହୀ ଅଧିକାରୀ ଶ୍ରୀ ବଳ ପ୍ରକାଶ କରିଥିବା ଜଣାପଡିଛି ।

ଦାଣ୍ଡିସାହିରେ ଅପମିଶ୍ରିତ ଚୋରା ମଦ ବିକ୍ରି ଅଭିଯୋଗ

କେନ୍ଦ୍ରାପଡ଼ା, ୨୩/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେଣ୍ଡପାଳ ଫଂଚାୟତର ଜଣେ ବ୍ୟକ୍ତି ଦାଣ୍ଡିସାହିରେ ଅପମିଶ୍ରିତ ମଦ ଓ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ଦୀର୍ଘବର୍ଷ ଧରି ବିକ୍ରି କରୁଥିବାରୁ ସ୍ଥାନୀୟ ଗ୍ରାମାବସୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିକ୍ରି ହେଉଥିବାର ସ୍ଥାନ ନିକଟରେ ଶିକ୍ଷାନୁଷ୍ଠାନ ରହିଥିଲେ ମଧ୍ୟ ଏ ବିଷୟରେ କେତେକ ଗ୍ରାମାବସୀ ଓ ନିଶା ନିବାରଣ ସଂଘ ପକ୍ଷରୁ ଅବକାରୀ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ସ୍କୁଲ ଛାତ୍ରଛାତ୍ରୀ ଏବଂ ଗ୍ରାମର ମହିଳା ମାନେ ଭୟଭୀତ ଅବସ୍ଥାରେ ଯାତାୟତ କରୁଛନ୍ତି । ତୁରନ୍ତ ବିକ୍ରି କରୁଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଙ୍ଗଳବାର ଶତାଧିକ ମହିଳା ଅତିରିକ୍ତ ଜିଲ୍ଲପାଳ ପୀତାମ୍ବର ସାମଲଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

୫ ବ୍ୟାକ୍ଟେରିଆ ଦେଶରେ ନେଇଛି ୭ଲକ୍ଷରୁ ଅଧିକ ଜୀବନ: ଲାନ୍‌ସେଟ୍

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ୫ଟି ବ୍ୟାକ୍ଟେରିଆ ଦେଶରେ ୭ଲକ୍ଷରୁ ଅଧିକ ଜୀବନ ନେଇଛି । ୨୦୧୯ ମସିହାରେ ଇ.କୋଲାଇ, ଏସ୍. ନିମୋନିଆ କେ.ନିମୋନିଆ, ଏସ୍.ଅରେଅସ୍ ଓ ଏ.ବେମାନି ଯୋଗୁଁ ଦେଶରେ ଲକ୍ଷାଧିକ ଲୋକଙ୍କ ଜୀବନ ଯାଉଥିବା ପ୍ରସିଦ୍ଧ ବିଜ୍ଞାନ ପତ୍ରିକା ଲାନ୍‌ସେଟ୍‌ରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ଇ.କୋଲାଇ ସାଧାରଣଭାବେ ଡାଇରିଆ ଓ ମୂତ୍ରାଶୟ ସଂକ୍ରମଣ ସହିତ ଜଡ଼ିତ ଥିବା ବେଳେ ଏଥିରେ ୧୬.୧ଲକ୍ଷ, ଏସ୍.ନିମୋନିଆ, କେ.ନିମୋନିଆ, ଏସ୍.ଅରେଅସ୍ ଓ ଏ.ବୈମାନିଙ୍କରେ ଯଥାକ୍ରମେ ୧୪.୪ଲକ୍ଷ, ୧୩.୨ଲକ୍ଷ, ୧୨.୮ଲକ୍ଷ ଓ ୧୧ଲକ୍ଷ ଜୀବନ ଯାଇଛି । ଲାନ୍‌ସେଟ୍‌ର ରିପୋର୍ଟ ଅନୁସାରେ, ୩୩ଟି ବ୍ୟାକ୍ଟେରିଆ ପ୍ରଜାତି ଉପରେ ଅନୁଧ୍ୟାନ କରାଯାଇଥିଲା । ସମୁଦାୟ ୧୩.୬୭ଲକ୍ଷ ଲୋକ ବ୍ୟାକ୍ଟେରିଆର ଶିକାର ହୋଇଥିବା ବେଳେ କେବଳ ୫ଟି ବ୍ୟାକ୍ଟେରିଆରେ ୭ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି ।.

ଏହାସହ ସଲମୋନେଲା ଟାଇଫି, ନନ୍-ଟାଇଫୋଡାଲ ସଲମୋନେଲା ଓ ସ୍ୟୁଡୋମୋନାସ ଅରୁଗିନୋସା ଭଳି ବ୍ୟାକ୍ଟେରିଆରେ ମଧ୍ୟ ଅନେକ ଲୋକଙ୍କ ଜୀବନ ନେଇଛି । କେବଳ ଭାରତ ନୁହେଁ, ବିଶ୍ୱର ଅନ୍ୟ ଦେଶରେ ମଧ୍ୟ ଏସବୁ ବ୍ୟାକ୍ଟେରିଆ କାରଣରୁ ସଂକ୍ରମଣରେ ଅନେକ ଲୋକ ପ୍ରାଣ ହରାଉଛନ୍ତି । ବିଶ୍ୱରେ ୧.୩ କୋଟି ଲୋକ କେବଳ ସଂକ୍ରମଣଜନିତ ମୃତ୍ୟୁର ଶିକାର ହେଉଥିବା ରିପୋର୍ଟରେ ଦର୍ଶାଯାଇଛି । ଏଥିରେ ୩୩ଟି ବ୍ୟାକ୍ଟେରିଆ ପାଥୋଜେନ୍‌ରେ ୭୭ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି । ୭୭ଲକ୍ଷ ମୃତକଙ୍କ ମଧ୍ୟରୁ ୭୫ ପ୍ରତିଶତରୁ ଅଧିକ ମୃତ୍ୟୁ ଲୋୟର ରେସ୍ପିରେଟୋରି ସଂକ୍ରମଣ (ଏଲଆରଆଇ), ବ୍ଲଡଷ୍ଟ୍ରିମ୍ ସଂକ୍ରମଣ (ବିଏସ୍‌ଆଇ), ପେରିଟୋନାଲ ଓ ଇଣ୍ଟ୍ରା ଆବଡୋମିନାଲ ସଂକ୍ରମଣ (ଆଇଏଏ)ରେ ହୋଇଥିବା କୁହାଯାଇଛି ।

ୱାଶିଂଟନ ସ୍କୁଲ ଅଫ୍ ମେଡିସିନ୍‌ର ଇନଷ୍ଟିଚ୍ୟୁଟ୍ ଫର ହେଲ୍‌ଥ ମେଟ୍ରିକ୍ସ ଓ ଇଭାଲ୍ୟୁସନ୍ (ଆଇଏଚ୍‌ଏମ୍‌ଇ)ର ନିର୍ଦ୍ଦେଶକ ଡା.ଖ୍ରୀଷ୍ଟଫର ମୁରେ କହିଛନ୍ତି, ପ୍ରଥମଥର ଲାଗି ଏହି ରିପୋର୍ଟରେ ବିଶ୍ୱରେ ବ୍ୟାକ୍ଟେରିଆ କାରଣରୁ ହେଉଥିବା ସମସ୍ୟା/ମୃତ୍ୟୁ ସଂପର୍କିତ ତଥ୍ୟର ଅବଲୋକନ କରାଯାଇଛି । ଏହି ରିପୋର୍ଟ ଆଗାମୀ ଦିନରେ ବ୍ୟାକ୍ଟେରିଆ ଜନିତ ମୃତ୍ୟୁ ଉପରେ ଅଧିକ ଗବେଷଣା ଓ ମୃତ୍ୟୁ ସଂଖ୍ୟାକୁ ହ୍ରାସ କରିବାରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି । ବ୍ୟାକ୍ଟେରିଆ ଜନିତ ମୃତ୍ୟୁ ସହିତ ବୟସର କୌଣସି ନିର୍ଦ୍ଦିଷ୍ଟ ସଂପର୍କ ନାହିଁ । ବିଶ୍ୱରେ ୯.୪ଲକ୍ଷ ମୃତ୍ୟୁ କେବଳ ଏସ୍.ଅରେଅସ୍ ଯୋଗୁଁ ହେଉଛି । ସଲମୋନେଲା ଏଣ୍ଟରିକା ସେରୋଭର ଟାଇଫି ଯୋଗୁଁ ୫-୧୪ବର୍ଷର ୪୯ହଜାରରୁ ଅଧିକ ଶିଶୁ ପ୍ରାଣ ହରାଇଛନ୍ତି । ସେହିପରି ନବଜାତକ ଓ ୫ବର୍ଷରୁ କମ୍ ଶିଶୁଙ୍କ କ୍ଷେତ୍ରରେ ଏସ୍.ନିମୋନିଆ କାରଣରୁ ୨ଲକ୍ଷ ୨୫ହଜାରରୁ ଅଧିକ ମୃତ୍ୟୁ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି ।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅଜବ ନିୟମ: ଖାଲିପଡ଼ିବ ଡିସ୍‌ପେନ୍‌ସାରି

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ରାଜ୍ୟର ଆୟୁର୍ବେଦିକ ଡିସ୍‌ପେନ୍‌ସାରିରେ କାର୍ଯ୍ୟ କରୁଥିବା ଆୟୁଷ ଡାକ୍ତର ମେଡିକାଲ କଲେଜକୁ ଫେରିବେ । ମେଡିକାଲ କଲେଜରେ ଆବଶ୍ୟକ ଡାକ୍ତରଙ୍କ ଅଭାବକୁ ନଜରରେ ରଖି ସେମାନଙ୍କୁ ଫେରାଇନେବା ଲାଗି ସ୍ୱାସ୍ଥ୍ୟ ବିଭାଗ ନିଷ୍ପତ୍ତି ନେଇଛି । ଫଳରେ ଆୟୁଷ ଡାକ୍ତରଙ୍କ ବଦଳି ହେଉଥିବା ଡିସ୍‌ପେନ୍‌ସାରି ଖାଲି ପଡ଼ିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି । କୌଣସି ବିକଳ୍ପ ବ୍ୟବସ୍ଥା ନ କରି ଡାକ୍ତରମାନଙ୍କୁ ଫେରାଇନେବା ନିଷ୍ପତ୍ତିକୁ ରାଜ୍ୟ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ ସଂଘ ବିରୋଧ କରିଛି ।

ବିଭାଗର ନିର୍ଦ୍ଦେଶନାମା ଅନୁସାରେ ରାଜ୍ୟର ବିଭିନ୍ନ ଡିସ୍‌ପେନ୍‌ସାରିରେ ଥିବା ୨୫ଜଣ ଆୟୁର୍ବେଦିକ ଡାକ୍ତରମାନଙ୍କୁ ରାଜ୍ୟର ୩ଟି ଆୟୁର୍ବେଦିକ ମେଡିକାଲ କଲେଜକୁ ବଦଳି ହୋଇଛି । ଏଥିରେ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦିକ ମେଡିକାଲ କଲେଜ, ବ୍ରହ୍ମପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା କଲେଜ ଓ ହସ୍ପିଟାଲ ଓ ବଲାଙ୍ଗୀରସ୍ଥିତ ସରକାରୀ ଆୟୁର୍ବେଦିକ ମେଡିକାଲ କଲେଜ ରହିଛି । ଏସବୁ ଡାକ୍ତର ମେଡିକାଲ କଲେଜକୁ ଫେରିଯିବା ପରେ ଡିସ୍‌ପେନସାରିକୁ କିଏ ପରିଚାଳନା କରିବ ତାହାକୁ ନେଇ ପ୍ରଶ୍ନ ଉଠିଛି ? ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ସୁମିତ୍ରା ସେନାପତି କହିଛନ୍ତି, ରାଜ୍ୟର ଆୟୁର୍ବେଦିକ ମେଡିକାଲ କଲେଜରେ ଅଧ୍ୟାପକଙ୍କ ଅଭାବ ରହିଥିବା କାରଣରୁ ଡିସ୍‌ପେନ୍‌ସାରିରେ କାର୍ଯ୍ୟରତ ଡାକ୍ତରଙ୍କୁ ମେଡିକାଲ କଲେଜକୁ ଫେରାଇ ଅଣାଯାଇଛି । ଡିସ୍‌ପେନ୍‌ସାରିଗୁଡ଼ିକ କିଭଳି ପରିଚାଳିତ ହେବ ତାହାର ବିକଳ୍ପ ବ୍ୟବସ୍ଥା କଥା ଚିନ୍ତା କରାଯାଉଛି । ଏହାସହ ଆଉ ୨୯ଜଣ ଆୟୁଷ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଲାଗି ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ମାତ୍ର କେବେସୁଦ୍ଧା ସେମାନଙ୍କୁ ନିଯୁକ୍ତି ଦିଆଯିବ ତାହା ସଂପର୍କରେ ଶ୍ରୀମତୀ ସେନାପତି କିଛି ସ୍ପଷ୍ଟ କରି ନ ଥିଲେ । ପୂର୍ବରୁ ବି ନୟାଗଡ଼ ସମେତ ଏକାଧିକ ଜିଲ୍ଲାର ଡିସ୍‌ପେନ୍‌ସାରିରେ ନିୟୋଜିତ ଥିବା ବହୁ ଡାକ୍ତର ଏଭଳି ବିଭିନ୍ନ ଆୟୁର୍ବେଦିକ ମେଡିକାଲ କଲେଜରେ ବର୍ଷ ବର୍ଷ ଧରି ନିୟୋଜିତ ହୋଇଛନ୍ତି । ଏସବୁ କାରଣ ପାଇଁ ସଂପୃକ୍ତ ଡିସ୍‌ପେନ୍‌ସାରିଗୁଡ଼ିକ ନିୟମିତ କାର୍ଯ୍ୟ କରୁନାହିଁ । ରାଜ୍ୟ ସରକାର ଏବେ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାର ପୁନର୍ବିଚାର କରନ୍ତୁ ବୋଲି ରାଜ୍ୟ ସରକାରୀ ଆୟୁର୍ବେଦିକ ଚିକିତ୍ସକ ସଂଘର ସଭାପତି ଡା.ଅନନ୍ତ ଆଚାର୍ଯ୍ୟ ଓ ହୋମିଓପ୍ୟାଥିକ ଚିକିତ୍ସକ ସଂଘର ସଭାପତି ଡା.ଗୋପାଳ ଚନ୍ଦ୍ର ବେହେରା ଦାବି କରିଛନ୍ତି । ସେମାନେ କହିଛନ୍ତି, ରାଜ୍ୟ ସରକାର ଆୟୁଷ ଡାକ୍ତରମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରୁଛନ୍ତି । ମାତ୍ର ଆଜି ପର୍ଯ୍ୟନ୍ତ ସେମାନଙ୍କୁ ପ୍ରଥମ ଶ୍ରେଣୀ ପାହ୍ୟାକୁ ନିଆଯାଇନାହିଁ କିମ୍ବା ସେମାନଙ୍କ କ୍ୟାଡର ପୁନର୍ଗଠନ ହୋଇପାରିନାହିଁ । ସ୍ୱତନ୍ତ୍ର ଆୟୁଷ ବିଭାଗ ମଧ୍ୟ ଦାବିରେ ରହିଛି ।

କମ୍ପ୍ୟୁଟରୀକରଣରେ ବାଧକ ସାଜିଛି ଇଣ୍ଟରନେଟ୍ ନେଟ୍‌ୱର୍କ: ୪୫୮ ସମବାୟ ସମିତିରେ ନାହିଁ ସୁବିଧା

ଋଣ କାରବାର ପାଇଁ ହେବ ସମସ୍ୟା, ଶୃଙ୍ଖଳିତ ଧାନ ସଂଗ୍ରହ ନେଇ ପ୍ରଶ୍ନବାଚୀ

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ସମବାୟ ସମିତିର କମ୍ପ୍ୟୁଟରୀକରଣରେ ବାଧକ ସାଜିଛି ଇଣ୍ଟରନେଟ୍ ନେଟ୍‌ୱର୍କ । ରାଜ୍ୟର ୪୫୮ ସମବାୟ ସମିତିରେ ହୋଇ ପାରିନି କମ୍ପ୍ୟୁଟରୀକରଣ । ୨୦୨୩ ମାର୍ଚ୍ଚ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବା ନେଇ ରାଜ୍ୟ ସମବାୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨୧୪୨ ସମବାୟ ସମିତିରେ କମ୍ପ୍ୟୁଟରୀକରଣ କାର୍ଯ୍ୟ ଶେଷ ହୋଇଛି । ଖରିଫ ଏବଂ ରବି ଧାନ ସଂଗ୍ରହ ପ୍ରାପ୍ୟ ପ୍ରଦାନ ସହିତ ସର୍ବାଧିକ ଋଣ କାରବାରକୁ ସମିତିର କମ୍ପ୍ୟୁଟର ମାଧ୍ୟମରେ ପରିଚାଳନା କରାଯାଉଛି । ମାତ୍ର ଏହି ସର୍ଭର କେତେ ଠିକ ଭାବେ କାର୍ଯ୍ୟ କରିବ ତାହା ଏବେ ପ୍ରଶ୍ନବାଚୀ ହୋଇଛି । ଅପରପକ୍ଷରେ କମ୍ପ୍ୟୁଟର ସମବାୟ ବ୍ୟାଙ୍କ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ହେବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ସମବାୟ ବିଭାଗର ସୂଚନା ଅନୁସାରେ, ରାଜ୍ୟରେ ସମୁଦାୟ ୨୭୧୦ଟି ସମବାୟ ସମିତିରୁ ୨୬୦୦ଟି ଜରିଆରେ କୃଷି ଋଣ, ସାର, ବିହନ କାରବାର ଏବଂ ଧାନ ସଂଗ୍ରହ କାର୍ଯ୍ୟ କରାଯାଉଛି । କମ୍ପ୍ୟୁଟରୀକରଣ ହୋଇଥିବା ୨୧୪୨ ମଧ୍ୟରୁ କେବଳ ୮୦୦ ସ୍ଥାନରେ ସ୍ୱତନ୍ତ୍ର ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତ ହୋଇଛନ୍ତି । ବାକି ସ୍ଥାନରେ ସମିତିର ଡାଟା ଏଣ୍ଟ୍ରି ଅପରେଟର ଅତିରିକ୍ତ ଭାବରେ ଏହି କାର୍ଯ୍ୟ ସମ୍ଭାଳିବେ । ସୂଚନା ଅନୁଯାୟୀ, ଚାଷ ଏବଂ ଚାଷୀଙ୍କ ସୁବିଧା ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ସମବାୟ ସମିତି ସୁବିଧା ସହିତ କମ୍ପ୍ୟୁଟରୀକରଣ ଭଳି ଅନ୍ୟାନ୍ୟ ସୁବିଧା ରହିଲେ କେନ୍ଦ୍ର ପକ୍ଷରୁ ଅନୁଦାନ ପ୍ରଦାନର ଘୋଷଣା ହୋଇଛି । ଦେଶରେ ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ଏହି ସଫଳତା ହାସଲ କରିଥିବା ନେଇ କିଛି ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ନେଟ୍ ?ୱର୍କ ସହିତ ବିଭିନ୍ନ ପ୍ରକାର ଭିତ୍ତିଭୂମି ସମସ୍ୟା ଯୋଗୁଁ ପ୍ରତି ପଞ୍ଚାୟତରେ ସମିତି ଗଠନ ରାଜ୍ୟ ସରକାରଙ୍କ ପାଇଁ ସହଜ ହେଉନାହିଁ । ତେଣୁ ଦୁଇଟି ପଞ୍ଚାୟତରେ ଗୋଟିଏ ସମିତି ପାଇଁ ସମବାୟ ବିଭାଗ କାର୍ଯ୍ୟ ଆରମ୍ଭ କରିଛି । ବର୍ତ୍ତମାନର ମୁଖ୍ୟ ଚ୍ୟାଲେଞ୍ଜ ହେଉଛି, ରାଜ୍ୟର ୬୦୯୯ ଗାଁରେ ମୋବାଇଲ ନେଟୱର୍କ ନାହିଁ କିମ୍ବା ଏହା ଅତି ଦୁର୍ବଳ ସ୍ଥିତିରେ ରହିଛି । ତେଣୁ ଏହାର ସମାଧାନ ପାଇଁ ନେଟୱର୍କ ନଥିବା ସମିତିକୁ ସମବାୟ ବ୍ୟାଙ୍କ ବିକଳ୍ପ ବ୍ୟବସ୍ଥା ଦେଇଛି । ଅନ୍ୟଦିଗରେ ରାଜ୍ୟର ପ୍ରାୟ ୬୦ ଲକ୍ଷ ଚାଷୀଙ୍କୁ କୃଷି ଋଣ ପ୍ରଦାନ କରାଯାଏ । ସମବାୟ ବ୍ୟାଙ୍କର ସର୍ଭର ଜରିଆରେ ସମସ୍ତ ସମିତି ଏଥିରେ ଯୋଡ଼ି ହୋଇଛନ୍ତି । ଏତେ ସଂଖ୍ୟକ ଚାଷୀଙ୍କୁ ଋଣ ପ୍ରଦାନର କ୍ଷମତା ସର୍ଭର ପାଖରେ କେମିତି ରହିବ ତାହା ଗୁରୁତ୍ୱପୂର୍ଣ୍ଣ । ଆହୁରି ମଧ୍ୟ ଆଜି ଠାରୁ ବରଗଡ଼, ଆସନ୍ତାକାଲି ଠାରୁ ସମ୍ବଲପୁର ଏବଂ ପରେ ରାଜ୍ୟର ଅନ୍ୟ ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଯିବ । କମ୍ପ୍ୟୁଟରୀକରଣ ପରେ ସମିତି ଜରିଆରେ ଚାଷୀ ଗୋଟିଏ ସ୍ଥାନରୁ ଋଣ ଏବଂ ଧାନ ବିକ୍ରି ପ୍ରାପ୍ୟ ପାଇପାରିବେ । ରାଜ୍ୟରେ ଖରିଫରେ ୫୭ ଲକ୍ଷରୁ ଊର୍ଧ୍ୱ ଧାନ ସଂଗ୍ରହ କରାଯାଏ । ପ୍ରତିବର୍ଷ ଏହା ବଢ଼ିଚାଲେ । ଚାଷୀମାନେ କେବଳ ସମିତି ସହିତ ଅନ୍ୟ ବ୍ୟାଙ୍କ ମାନଙ୍କରୁ ମଧ୍ୟ ପ୍ରାପ୍ୟ ଉଠାନ୍ତି । ବର୍ତ୍ତମାନ ଗୋଟିଏ

ସ୍ଥାନରୁ ଏତେ କୋଟି ଟଙ୍କା ପ୍ରାପ୍ୟ ଏବଂ ଏଟିଏମ ଜରିଆରେ ଉଠାଣ ସୁବିଧା କେଉଁ ଭଳି ଚାଷୀଙ୍କୁ ଦିଆଯାଇ ପାରିବ ତାହା ମଧ୍ୟ ସରକାରଙ୍କ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ହେବ । ପେକ୍ସ ସଂଘ ସଭାପତି ଦିଗାମ୍ବର ନାଏକ କହିଛନ୍ତି, କମ୍ପ୍ୟୁଟରୀକରଣକୁ ପେକ୍ସ ସଂଘ ସ୍ୱାଗତ କରେ । ହେଲେ ୨୧୪୨ ନୁହେଁ ବରଂ ୧୫୦୦ ସମିତିକୁ କମ୍ପ୍ୟୁଟରୀକରଣ କରାଯାଇଛି । ଏଥିପାଇଁ ସ୍ୱତନ୍ତ୍ର ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତ ହେଉ ନାହାନ୍ତି । ସରକାର ସମବାୟ ସମିତିକୁ କୌଣସି ସ୍ୱତନ୍ତ୍ର ଅନୁଦାନ ଦିଅନ୍ତି ନାହିଁ । ତେଣୁ କମ୍ପ୍ୟୁଟରୀକରଣର ଏହି କାର୍ଯ୍ୟ ସମ୍ଭାଳିବା ମଧ୍ୟ ସମିତି ପାଇଁ ଚ୍ୟାଲେଞ୍ଜ ଅଟେ । ସମବାୟ ବିଭାଗ ଡେପୁଟି ରେଜିଷ୍ଟ୍ରାର କହିଛନ୍ତି, ସମବାୟ ସମିତି କମ୍ପ୍ୟୁଟରୀକରଣ ନେଇ ସରକାର କୌଣସି ଭୁଲ ତଥ୍ୟ ଦେଇ ନାହାନ୍ତି ।

ଭାଷା ପାଇଁ ଆନ୍ଧ୍ର-ଓଡ଼ିଶା ଚୁକ୍ତି

ବ୍ରହ୍ମପୁର/ଗୋପାଳପୁର, ୨୩/୧୧ (ନି.ପ୍ର): ତେଲୁଗୁ ଭାଷାର ପ୍ରଚାରପ୍ରସାର ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା ହେବ ତେଲୁଗୁ ଚେୟାର । ଏଥିରେ ଜଣେ ପ୍ରାଧ୍ୟାପକଙ୍କ ସମେତ ଜଣେ ରିସର୍ଚ୍ଚ ଅଫିସର ଏବଂ ଜଣେ ଅଫିସ ଆଟେଣ୍ଡାଣ୍ଟ ନିଯୁକ୍ତ ହେବେ । ଏଠାରେ ତେଲୁଗୁ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଉଚ୍ଚତର ଗବେଷଣା ହେବ । ଅନ୍ୟପକ୍ଷରେ, ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ସ୍ଥିତ ଡା. ବି.ଆର.ଆମ୍ବେଦକର ବିଶ୍ୱବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ଓଡ଼ିଆ ଚେୟାର ସ୍ଥାପନ ହେବ । ସେଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଉଚ୍ଚତର ଗବେଷଣା ହେବ । ଦୁଇ ରାଜ୍ୟ ସରକାରଙ୍କ ମଧ୍ୟରେ ଏଭଳି ଚୁକ୍ତିନାମା (ଏମଓୟୁ) ସ୍ୱାକ୍ଷର ହୋଇଛି । ଏନେଇ ରାଜ୍ୟ ସରକାରଙ୍କ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ଚିଠି (ଚିଠି ନଂ ୪୬୩୦ ତା୨୧.୧୧.୨୨) ଜରିଆରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଅବଗତ କରାଯାଇଛି ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ନାମିତ ହୋଇଥିବା ବେଳେ ଏଠାରେ ଏକ ଭଞ୍ଜ ଚେୟାର ସ୍ଥାପନ ପାଇଁ ପୂର୍ବରୁ ପ୍ରସ୍ତାବ ଆଗତ ହେବାସହ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା । ଗତବର୍ଷ ନଭେମ୍ବରରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍ ଜଗନ ମୋହନ ରେଡ଼ି ଓଡ଼ିଶା ଗସ୍ତ କରି ଆମ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଭାଷା, ସାହିତ୍ୟ ଓ ସଂସ୍କୃତିର ଆଦାନ ପ୍ରଦାନ ପାଇଁ ଦୁଇ ମୁଖ୍ୟମନ୍ତ୍ରୀ ସହମତି ପ୍ରକାଶ କରିବା ସହ ଓଡ଼ିଶାର ବିଶ୍ୱବିଦ୍ୟାଳୟରେ ତେଲୁଗୁ ଚେୟାର ଏବଂ ଆନ୍ଧ୍ରର ବିଶ୍ୱବିଦ୍ୟାଳୟରେ ତେଲୁଗୁ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର, ୧୭ ନଭେମ୍ବର ୨୦୨୨

ବ୍ୟାୟାମର ଆବଶ୍ୟକତା

କାନାଡ଼ା ବିଶ୍ୱ ବିଦ୍ୟାଳୟର ଗବେଷକ ଡେଭିଡ ହୁପିନ ୪ବର୍ଷ ଗବେଷଣା କରିବା ପରେ ତଥ୍ୟ ପ୍ରକାଶ କରିଛନ୍ତି ଯେ, ବୟସ୍କ ଲୋକେ ଦୈନିକ ଅତି କମରେ ୧୫ମିନିଟ୍ ବ୍ୟାୟାମ କରନ୍ତୁ । ଏହା ସେମାନଙ୍କ ଦୀର୍ଘାୟୁର ଅନ୍ୟତମ ରହସ୍ୟ । ୫୦ ବର୍ଷରୁ ଅଧିକ ବୟସ୍କ ବୟସର ୨ହଜାର ଲୋକଙ୍କ ଉପରେ ଏହି ଗବେଷଣା ଡେଭିଡ କରିଥିଲେ । ଯେଉଁ ବ୍ୟକ୍ତିମାନେ ନିୟମିତ ୧୫ରୁ ୨୦ ମିନିଟ ବ୍ୟାୟାମ କରୁଥିଲେ, ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତରୁ ଅଧିକ ଲୋକେ ସୁସ୍ଥସବଳ ଓ ନିରୋଗ ଅଛନ୍ତି । ଡେଭିଡ୍ ଏହି ଗବେଷଣା କରିବା ପରେ ବିଭିନ୍ନ ସୋସିଆଲ ସାଇଟ ତଥା ଗଣମାଧ୍ୟମ ସହାୟତାରେ ବୟସ୍କ ଲୋକଙ୍କୁ ନିୟମିତ ବ୍ୟାୟାମ କରିବାକୁ ଉପଦେଶ ଦେଇଛନ୍ତି । ଘରେ ରହି ପ୍ରାୟତଃ ଓ ସନ୍ଧ୍ୟାବେଳେ ଏହା ଅଭ୍ୟାସ କରିବା ବୟୋଜ୍ୟେଷ୍ଠ ଲୋକଙ୍କ ପାଇଁ ସର୍ବୋତ୍ତମ ।



ସ୍ମାର୍ଟଫୋନ ଖରାପ ହେବା ପଛର କାରଣ

ସ୍ମାର୍ଟଫୋନ ଗରମ ହୋଇଗଲେ ତୁରନ୍ତ ଫୋନ ବନ୍ଦ କରିଦେବା ଉଚିତ । ତେବେ ଆବଶ୍ୟକତାଠାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଫୋନ ହିଁ ଗରମ ହେଉଥିବାର ତଥ୍ୟ ମିଳିଛି । ଘଣ୍ଟାଘଣ୍ଟା ଧରି ଫୋନରେ କଥାବାର୍ତ୍ତା କରିବାର ଅଭ୍ୟାସଠାରୁ ଦୂରେଇ ରହିବା ଉଚିତ । ଜରୁରୀ ତଥ୍ୟ ଦେବା ନିମନ୍ତେ ନିର୍ମିତ ହୋଇଥିବା ସ୍ମାର୍ଟଫୋନର ଅନାବଶ୍ୟକ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ପ୍ରତ୍ୟେକ ସ୍ମାର୍ଟଫୋନ ଏସିଡି କାର୍ଡ ସହ ବ୍ୟବହାର କରିବା ଉଚିତ । ଏପରି କଲେ ସ୍ମାର୍ଟଫୋନ ହ୍ୟାଙ୍ଗ ହୋଇନଥାଏ । ସପ୍ତାହକୁ ଅନ୍ତତଃ ଥରୁଟିଏ ଫୋନ ସୁଇଚ ଅଫ କରି କିଛି ସମୟ ରଖନ୍ତୁ । ନଚେତ ରିବୁଟ କରିବା ଆବଶ୍ୟକ । ବୁନ୍ଦାଏ ପାଣି ମଧ୍ୟ ସ୍ମାର୍ଟଫୋନକୁ ଖରାପ କରିଥାଏ । ତେଣୁ ଫୋନକୁ ପାଣିଠାରୁ ଯଥା ସମ୍ଭବ ଦୂରେଇ ରଖନ୍ତୁ ।

ହୃଦ୍‌ରୋଗରୁ କିପରି ପାଇବେ ମୁକ୍ତି

ଲୋକଙ୍କୁ ହୃତ୍‌ପିଣ୍ଡ ଓ ହୃଦରୋଗ ସଂପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ୨୦୦୦ ମସିହା ସେପ୍ଟେମ୍ବର ୨୯ ତାରିଖରୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଆସୁଛି । କିନ୍ତୁ ବିଶ୍ୱରେ ହୃଦ୍‌ରୋଗ ଜନିତ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ । ପ୍ରତିବର୍ଷ ପ୍ରାୟ ୧୭.୩ ନିୟୁତ ଲୋକ ଏହି ରୋଗରେ ପ୍ରାଣ ହରାଇଥାନ୍ତି । ୨୦୩୦ ମସିହା ସୁଦ୍ଧା ଏହି ମୃତ୍ୟୁ ସଂଖ୍ୟା ୨୩ ନିୟୁତ ଛୁଇଁବା ଆଶଙ୍କା କରାଯାଉଛି । ଏହି ସଂଖ୍ୟା ଅଷ୍ଟ୍ରେଲିଆର ଜନସଂଖ୍ୟା ସହିତ ପ୍ରାୟ ସମାନ । କିନ୍ତୁ ଯା'ମାନେ ନୁହେଁ ଯେ ଏହା ମଣିଷ ଭାଗ୍ୟର କଥା ଓ ଏଥିରୁ ବର୍ତ୍ତିହେବ ନାହିଁ । କିଛି ଲୋକଙ୍କ କ୍ଷେତ୍ରରେ ବୟସ, ଲିଙ୍ଗ ଓ ବଂଶାନୁକ୍ରମିକ ଯୋଗୁଁ ହୃଦ୍‌ରୋଗ ଭଳି ସମସ୍ୟା ଦେଖାଦେଇଥାଏ । ନଚେତ୍ କେତୋଟି ସହଜ ଏବଂ ସୁବିଧା ପନ୍ଥା ଅବଲମ୍ବନ କଲେ ଆମେ ଆମ ହୃତ୍‌ପିଣ୍ଡକୁ ସର୍ବଦା ସୁସ୍ଥ ରଖିବା ସହ ଏହି ପ୍ରାଣଘାତୀ ରୋଗରୁ ନିଜକୁ ବଞ୍ଚାଇ ପାରିବା ।

ମାନସିକ ଚାପ ତଥା ମାନସିକ ବିଡ଼ମ୍ବନା ବିଭିନ୍ନ ହୃଦ୍‌ରୋଗର କାରଣ ହୋଇଥାଏ । ମାନସିକ ଚାପ ମଣିଷକୁ ଅସ୍ତବ୍ୟସ୍ତ କରି ଶରୀରର ବିଭିନ୍ନ ପ୍ରକାର ହରମୋନ ସ୍ନାୟୁ ଓ ମସ୍ତିଷ୍କରେ ବିଭିନ୍ନ ପରିବର୍ତ୍ତନ ଆଣିଥାଏ । ଏହା ଦ୍ୱାରା ଶରୀରର ବିଭିନ୍ନ ଧମନୀ ଓ ରକ୍ତ ପ୍ରବାହରେ ପରିବର୍ତ୍ତନ ହୋଇଥାଏ । ରକ୍ତରେ ତୈଳୀୟ ପଦାର୍ଥ ଯଥା ଟ୍ରାଇଗ୍ଲିସେରାଇଡ୍ ଓ କୋଲେଷ୍ଟ୍ରଲ ମାତ୍ରା ଓ ରକ୍ତଚାପ ବଢ଼ିଥାଏ । ଫଳରେ ଏହା ପ୍ରଭାବରେ ହୃଦୟ, ମସ୍ତିଷ୍କ ଓ ରକ୍ତରେ ବିଭିନ୍ନ ପ୍ରକାରର ରୋଗ ଆରମ୍ଭ ହୁଏ । ହୃତ୍‌ପିଣ୍ଡର ଧମନୀରେ ରକ୍ତ ପ୍ରବାହ ଅବରୋଧ ହେଲେ, ଏହା ବିଭିନ୍ନ ପ୍ରକାର ଜଟିଳ ହୃଦ୍‌ରୋଗକୁ ନିମନ୍ତ୍ରଣ କରିଥାଏ ।

ସେହି ସମୟରେ ରୋଗୀକୁ ଉପଯୁକ୍ତ ଚିକିତ୍ସା କରାନଗଲେ ଅନେକେ ମୃତ୍ୟୁମୁଖରେ ପଡ଼ିଥାନ୍ତି । ମାନସିକ ଚାପ ସହିତ ଉଚ୍ଚ ରକ୍ତଚାପ ଉଚ୍ଚ ମାତ୍ରାରେ କୋଲେଷ୍ଟ୍ରଲ (ଡାଇବେଟିସ୍) ରୋଗ, ଧୂମପାନ ଆଦି ହୃଦରୋଗକୁ ସହଜରେ ଆମନ୍ତ୍ରଣ କରିଥାଏ । ମଣିଷ ପ୍ରୟାସ କଲେ ନିଜ ଇଚ୍ଛା ଶକ୍ତିକୁ ବଢ଼ାଇ ମାନସିକ ଚାପକୁ ଦୂର କରିପାରିବ । ଅନେକ ସମୟରେ ପରିସ୍ଥିତି ଓ ବାତାବରଣ ଯଥା–ଚାକିରି କ୍ଷେତ୍ରରେ ଅଶାନ୍ତି, ପାରିବାରିକ କଳହ, ବୈବାହିକ ଜୀବନରେ ଅଶାନ୍ତି ଭଳି ମାନସିକ ଚାପ ମଣିଷକୁ ଭିତରୁ ଦୁର୍ବଳ କରିଦେଇଥାଏ । ତେଣୁ ଏସବୁ ସମସ୍ୟାକୁ ଦୃଢ଼ତାର ସହ ସମ୍ମୁଖୀନ ହେବା ଉଚିତ । ଯଦି ଚେଷ୍ଟା ପରେ ବି ମାନସିକ ଚାପ ଦୂର ହୋଇପାରୁନାହିଁ, ସେ କ୍ଷେତ୍ରରେ ଡାକ୍ତରଙ୍କ ସାହାଯ୍ୟ ନେବା ଦରକାର । ଏହା ଦ୍ୱାରା ହୃଦ୍‌ରୋଗ ଭଳି ମାରାତ୍ମକ ରୋଗରୁ ରକ୍ଷା ପାଇପାରିବା ।

ଧୂମପାନ ଏବଂ ତମାଖୁ ସେବନଠାରୁ ଦୂରେଇ ରହନ୍ତୁ

ଧୂମପାନ ଏବଂ ତମାଖୁ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ

ହୃଦ୍‌ରୋଗ ହେବାରେ ବେଶି ଆଶଙ୍କା ଥାଏ । ତମାଖୁରେ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ହୃତ୍‌ପିଣ୍ଡ ଓ ଧମନୀର ପ୍ରଭୂତ କ୍ଷତି କରିଥା'ନ୍ତି । ଏହାଦ୍ୱାରା ହୃତ୍‌ପିଣ୍ଡର ଧମନୀଗୁଡ଼ିକ ଅଣଓସାରିଆ ହୋଇଯାଇଥାଏ ଏବଂ ଏହା ହୃଦ୍‌ଘାତ ଭଳି ଗୁରୁତର ସମସ୍ୟା ଦେଖାଦିଏ । ତେଣୁ ଧୂମପାନ ଏବଂ ତମାଖୁ ସେବନଠାରୁ ଦୂରରେ ରହିବା ଉଚିତ ।

ନିୟମିତ ୩୦ ମିନିଟ୍ ବ୍ୟାୟାମ କରନ୍ତୁ

ଦିନକୁ ଅନ୍ତତଃ ୩୦ ମିନିଟ୍ ଶାରୀରିକ ବ୍ୟାୟାମ କରନ୍ତୁ । ଏହା ଆପଣଙ୍କ ଓଜନକୁ ନିୟନ୍ତ୍ରଣରେ ରଖିବା ସହ ଉଚ୍ଚରକ୍ତଚାପ କୋଲେଷ୍ଟ୍ରଲ ଏବଂ ଡାଇବେଟିସ୍‌ଠାରୁ ଦୂରେଇ ରଖିବ ।

ସନ୍ତୁଳିତ ଆହାର ନିଅନ୍ତୁ

ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାକୁ ହେଲେ ଆପଣଙ୍କ ଖାଦ୍ୟପେୟରେ କିଛିଟା ପରିବର୍ତ୍ତନ କରିବାକୁ ହେବ । ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ ବଦଳରେ ତାଜା ଫଳମୂଳ ଓ ସତେଜ ପନିପରିବା ଅଧିକ ଖାଆନ୍ତୁ । ମଦ୍ୟପାନଠାରୁ ବି ଦୂରେଇ ରୁହନ୍ତୁ । ଏହାଦ୍ୱାରା ରକ୍ତରେ କୋଲେଷ୍ଟ୍ରଲ ମାତ୍ରା କମ୍ ରହିବ ।

ଓଜନ ନିୟନ୍ତ୍ରଣ କରନ୍ତୁ

ଅତ୍ୟଧିକ ଓଜନ ବୃଦ୍ଧିରୁ ହିଁ ଉଚ୍ଚ କୋଲେଷ୍ଟ୍ରଲ, ଉଚ୍ଚରକ୍ତଚାପ ଏବଂ ଡାଇବେଟିସ୍ ଭଳି ସମସ୍ୟା ଦେଖା ଦେଇଥାଏ । ଯାହାକି ହୃତ୍‌ପିଣ୍ଡର କ୍ଷତି କରିଥାଏ । ତେଣୁ ଓଜନ ଓ ଉଚ୍ଚତାକୁ ନେଇ ହିସାବ କରି ନିଅନ୍ତୁ ଯେ ଆପଣଙ୍କ ଓଜନ ଅଧିକ ହୋଇଛି କି ନାହିଁ । ଯଦି ଆପଣଙ୍କ ବଡି-ମାସ୍ ଇଣ୍ଡେକ୍ସ ୨୫ କିମ୍ବା ତା'ଠାରୁ ଅଧିକ, ତାହା ହୃତ୍‌ପିଣ୍ଡ ପାଇଁ ବିପଦ ।

ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତୁ

ହୃଦରୋଗଠାରୁ ଦୂରେଇ ରହିବା ପାଇଁ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ହେବ ଏବଂ ନିୟମିତ ରକ୍ତଚାପ, କୋଲେଷ୍ଟ୍ରଲ ଏବଂ ଡାଇବେଟିସ୍ ପରୀକ୍ଷା କରାଇ ନେବା ଉଚିତ ।

ଗିଲୋୟ ଓ ଅଶ୍ୱଗନ୍ଧା

ଯେଉଁମାନଙ୍କର ଇମ୍ୟୁନିଟି କମଥାଏ, ଶ୍ୱାସ ରୋଗୀ, ପାନକ୍ରିୟାଜ ଦୁର୍ବଳ ବ୍ୟକ୍ତି, ଡାଇବେଟିସ ପରି ସମସ୍ୟା ଥିବା ଲୋକମାନଙ୍କ ପାଇଁ କରୋନା ଭାଇରସ୍‌ର ବିପଦ ଅଧିକ । ଏପରିସ୍ଥଳେ ଗିଲୋୟ ଓ ଅଶ୍ୱଗନ୍ଧା ଅଧିକ ଉପକାରୀ ହୋଇପାରିବ । ଭାରତରେ କରୋନା ଭାଇରସ୍‌ର ପ୍ରକାର ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଲୋକମାନେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶ ପାଳନ କରୁଛନ୍ତି । ଆୟୁର୍ବେଦରେ କରୋନା ଭାଇରସ୍‌ର ଉପଚାର କରି ହେବ । ଇମ୍ୟୁନିଟିକୁ ବଢେଇବା ପାଇଁ ପ୍ରାଣାୟାମ ଯେପରି କପାଳଭାତୀ, ଆନୁଲୋମ ଓ ଭ୍ରାମରୀ କରିବା ଉଚିତ । ଏହା ବ୍ୟତୀତ ଆୟୁର୍ବେଦ ଅନୁସାରେ ଅଶ୍ୱଗନ୍ଧା, ଗିଲୋୟ, ଶତାୱର, ଅଁଳା, ଏଲୋଭେରା ଓ ତୁଳସୀ ଏହି ଭାଇରସ୍ ପାଇଁ ଉପଯୋଗୀ । ଆୟୁର୍ବେଦିକ ଜଡିବୁଟି ଗିଲୋୟକୁ ପାଣିରେ ଫୁଟାଇ ସେଥିରେ ହଳଦୀ, ଗୋଲମରିଚ ଗୁଣ୍ଡ ଓ ତୁଳସୀ ପତ୍ର ମିଶାନ୍ତୁ । କିଛି ସମୟ ଫୁଟିଗଲା ପରେ ସେହି କାଢାକୁ ପିଇଲେ ଲାଭ ମିଳିବ । ଯଦି ଗିଲୋୟ, ଅଶ୍ୱଗନ୍ଧା, ତୁଳସୀ ନାହିଁ ତେବେ ଗିଲୋୟର ଟାବଲେଟ୍ ବା କ୍ୱାସ୍ ପିଇପାରିବେ । ଅଶ୍ୱଗନ୍ଧାର ପାଉଡର ଖାଇପାରିବେ । ଏହି ସବୁ ଜିନିଷ ଇମ୍ୟୁନିଟି ବୃଦ୍ଧି କରିବାରେ ସହାୟକ ହେବ ।





ମହଲ ଓ ବଗିଚାର ସହର

କପୁରଥଲା ହେଉଛି ପଂଜାବର କପୁରଥଲା ଜିଲ୍ଲା ଅର୍ନ୍ତଗତ ଏକ ପ୍ରମୁଖ ସହର । ଏଠାକାର ପରିବେଶ ଯେତିକି ଶାନ୍ତ ସେତିକି ପରିଷ୍କାର ବି । ତା' ଛଡ଼ା ଏଠାରେ ରହିଛି ଅନେକ ଐତିହାସିକ ମହଲ ତଥା ବଗିଚା । ଖାସ୍ ସେଥିପାଇଁ ଅନେକେ କପୁରଥଲାକୁ ମହଲ ଓ ବଗିଚାର ସହର ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି । ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ଏହି ସହରର ନାମକରଣ ରାଣା କପୁରଙ୍କ ନାମାନୁସାରେ କରାଯାଇଛି, ଯିଏ କି ଜୟସଲମେର୍‌ରେ ରହୁଥିବା ରାଜପରିବାରର ଜଣେ ବଂଶଜ ଥିଲେ । ଆଉ ତାଙ୍କରି ଦ୍ୱାରା ହିଁ ଏହି ସହର ଲୋକଲୋଚନକୁ ଆସିଥିଲା ।

ସୈନିକ ସ୍କୁଲ: ଏହା ପ୍ରଥମେ ଜଗତଜିତ୍ ମହଲ ନାଁରେ ଜଣାଯାଉଥିଲା । ଏଠାରେ କପୁରଥଲାରେ ଶାସନ କରୁଥିବା ପୂର୍ବ ମହାରାଜା ଜଗତଜିତ୍ ସିଂ ରହୁଥିଲେ । ପ୍ରାୟ ୨୦୦ ଏକର ପରିସୀମାବ୍ୟାପ୍ତ ଅଂଚଳ ଉପରେ ଗଢ଼ି ଉଠିଥିବା ଏହି ମହଲର ବାସ୍ତୁକଳା ଖୁବ୍ ଆକର୍ଷଣୀୟ । ଖାସକରି ଏହାର ଦରବାର ହଲ୍ ଦର୍ଶକଙ୍କର ମନ ମୋହିନିଏ । ବ ର୍ମାନ ଏହା ସୈନିକ ସ୍କୁଲ ନାମରେ ପରିଚିତ ହେଉଥିଲେ ହେଁ, ଏହାର ଆକର୍ଷଣୀୟ ଏବେ ବି ସେମିତି ଅକ୍ଷୁର୍ଣ୍ଣ ହୋଇ ରହିଛି ।

କେବେ ଓ କେମିତି ଯିବେ

କପୁଥଲାକୁ ବର୍ଷର ଯେ କୌଣସି ସମୟରେ ବୁଲିଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ମାର୍ଚ୍ଚରୁ ଅକ୍ଟୋବର ହେଉଛି ଏଠାକୁ ଭ୍ରମଣରେ ଯିବାର ସବୁଠୁ ଭଲ ସମୟ । କାରଣ ଏହି ସମୟରେ ଏଠାକାର ଜଳବାୟୁ ବେଶ୍ ଆରାମଦାୟକ ଥାଏ । ସେହିପରି ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି ଏଠାରେ । ଅମୃତସରସ୍ଥିତ ବିମାନବନ୍ଦର ହେଉଛି ଏଠାକାର ନିକଟତମ ବିମାନବନ୍ଦର, ଯାହା କପୁରଥଲା ସହରଠାରୁ ପ୍ରାୟ ୬୨ କି.ମି ଦୂରରେ ଅବସ୍ଥିତ । ଅନ୍ୟପକ୍ଷେ ଟ୍ରେନ୍ ଓ ବସ୍ ଯୋଗେ ବି ଏଠାକୁ ଯିବାର ସୁବ୍ୟବସ୍ଥା ରହିଛି ।

କଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ କପୁରଥଲାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ । ଯେମିତିକି ସୈନିକ ସ୍କୁଲ, ମୁରିଶ ମସ୍‌ଜିଦ୍, ଜଗତଜିଦ୍ କ୍ଲବ, ପଂଚ ମନ୍ଦିର, ଗୁରୁଦ୍ୱାର ବେର ସାହିବ ଇତ୍ୟାଦି...

ମୁରିଶ ମସଜିଦ୍:

ଏହି ମସଜିଦକୁ ବି ମହାରାଜା ଜଗତଜିତ୍ ସିଂ ନିର୍ମାଣ କରାଇଥିଲେ । ଏହାକୁ ତିଆରି କରିବାପାଇଁ ପ୍ରାୟ ୧୩ ବର୍ଷ ସମୟ ଲାଗିଯାଇଥିଲା । ଆକର୍ଷଣୀୟ କାରୁକାର୍ଯ୍ୟଭରା ଏହି ମସଜିଦକୁ ନିର୍ମାଣ କରିବାର ଦାୟିତ୍ୱ ଜଣେ ଫ୍ରେଂଚ ବାସ୍ତୁକାର ନେଇଥିଲେ ।

ଜଗତ୍‌ଜିତ୍ କ୍ଲବ:

ଏହା କପୁରଥଲା ସହରର ମଧ୍ୟବର୍ତ୍ତୀ ଅଂଚଳରେ ଗଢ଼ି ଉଠିଥିବା ଏକ ଆକର୍ଷଣୀୟ ଭବନ । ଗ୍ରୀକ୍ କାରୁକାର୍ଯ୍ୟ ଶୈଳୀରେ ନିର୍ମିତ ହୋଇଥିବା ଏହି ଭବନଟିକୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ କାର୍ଯ୍ୟରେ ସାମିଲ କରାଯାଇଛି । ଯେମିତିକି ପ୍ରଥମେ ଏହାକୁ ଏକ ଚର୍ଚ୍ଚର ରୂପ ଦିଆଯାଇଥିଲା, ପରେ ଏହା ସିନେମା ହଲ୍ ଭାବେ କାର୍ଯ୍ୟକଲା । ଆଉ ଏବେ ଏହା ସ୍ଥାନୀୟ ଏକ ଲୋକପ୍ରିୟ କ୍ଲବ ଭାବେ ଜଣାଯାଉଛି ।

ପଂଚ ମନ୍ଦିର:

ଐତିହାସିକ ମହତ୍ତ୍ୱ ରଖୁଥିବା ଏହି ମନ୍ଦିର ପରିସରରେ ଛୋଟ ଛୋଟ ପାଂଚଟି ମନ୍ଦିର ଦେଖିବାକୁ ମିଳେ । ଖାସ୍ କଥା ହେଲା ଏହି ପାଂଚଟି ମନ୍ଦିରର ନିର୍ମାଣ ଏପରି ହୋଇଛି, ଯଦ୍ୱାରା ଭକ୍ତ ଚାହିଁଲେ ମନ୍ଦିରର ପ୍ରବେଶ ଦ୍ୱାର ପାଖେ ଠିଆ ହୋଇ ସେହିଠାରୁ ହିଁ ଉକ୍ତ ପାଂଚଟି ମନ୍ଦିରର ଦେବଦେବୀଙ୍କୁ ଦର୍ଶନ କରିପାରିବେ ।



ଗୁରୁଦ୍ୱାର ବେର୍ ସାହିବ:

କପୁରଥଲା ଜିଲ୍ଲା ଅର୍ନ୍ତଗତ ସୁଲତାନ୍‌ପୁର ଲୋଧିଠାରେ ରହିଛି ଏହି ପ୍ରସିଦ୍ଧ ଗୁରୁଦ୍ୱାର ବେର୍ ସାହିବ । ଶିଖ୍ ଧର୍ମାବଲମ୍ବୀ ବ୍ୟକ୍ତିଗଣଙ୍କ ପାଇଁ ଏହା ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ । କୁହାଯାଏ ଏଠାରେ କୁଆଡ଼େ ଶିଖ୍ ଧର୍ମର ପ୍ରଥମ ଗୁରୁ 'ଗୁରୁ ନାନକ' ୧୪ ବର୍ଷ ଜୀବନ ଅତିବାହିତ କରିଥିଲେ । ସେହିପରି ବେର୍ ହେଉଛି ଏଠାକାର ଏକ ଗଛ ଯାହାକୁ ଗୁରୁ ନାନକ ନିଜେ ଲଗାଇଥିଲେ ଆଉ ସେହି ଗଛ ମୂଳେ ବସି ସେ ଶିଖ୍ ଧର୍ମର ମୂଳମନ୍ତ୍ର ପ୍ରକାଶ କରିଥିଲେ ବୋଲି ଲୋକବିଶ୍ୱାସ ରହିଛି ।

ତେବେ ଏସବୁ ଦର୍ଶନୀୟସ୍ଥାନ ବାଦ୍ କପୁରଥଲାରେ ଦେଖିବାପାଇଁ ଆହୁରି ଅନେକ ପର୍ଯ୍ୟଟନସ୍ଥଳୀ ରହିଛି । ଖାସ୍ କରି ଏଠାରେ ଦେଖିବାକୁ ମିଳୁଥିବା ଛୋଟମୋଟ ବଗିଚା ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିଥାଏ ।



ରାଜଯୋଟକ କଣ

ଭାରତରେ ବିବାହ ବନ୍ଧନ ଅତି ଦୃଢ଼ ଓ ଦାମ୍ପତ୍ୟ ଜୀବନ ଅଟେ ପବିତ୍ର । ବିବାହ ବନ୍ଧନ ଦ୍ୱାରା ଦୁଇଟି ଆତ୍ମା ଯୋଡ଼ି ହୋଇଥାଏ । ତେଣୁ ବିବାହ ପୂର୍ବରୁ ବର ଓ କନ୍ୟାଙ୍କର ଜାତକ (ଜନ୍ମକୋଷ୍ଠୀ) ମେଳ କରାଯାଇଥାଏ । ବେଦର ଚକ୍ଷୁ ଜ୍ୟୋତିଷ ଶାସ୍ତ୍ର ଅଟେ । ଏହି ଶାସ୍ତ୍ରାନୁମୋଦିତ ପଦ୍ଧତିରେ ଦେଖି କେଉଁ ଯୋଡ଼ି ଠିକ୍ ଏବଂ କେଉଁ ଯୋଡ଼ି ଠିକ୍ ନୁହେଁ ଜଣାଯାଏ । ପ୍ରସ୍ତାବିତ ବର ଓ କନ୍ୟାର ଦୁଇ ଜାତକ ମଧ୍ୟରେ ରାଜଯୋଟକ ମେଳକ ସର୍ବୋତ୍ତମ ଓ ସର୍ବୋତ୍କୃଷ୍ଟ ଭାବରେ ଗଣନା କରାଯାଏ । ବର କନ୍ୟା ଉଭୟଙ୍କର ଏକ ରାଶି ହେଲେ କିମ୍ବା ବରରାଶିଠାରୁ କନ୍ୟାରାଶି ପର୍ଯ୍ୟନ୍ତ ସାତ ହେଲେ କିମ୍ବା ବର ରାଶିଠାରୁ କନ୍ୟାରାଶି ପର୍ଯ୍ୟନ୍ତ ସାତ ହେଲେ କିମ୍ବା ବର ରାଶିଠାରୁ କନ୍ୟାରାଶି ପର୍ଯ୍ୟନ୍ତ ଚାରି ବା ଦଶ ହେଲେ ନଚେତ୍ ତୃତୀୟ ବା ଏକାଦଶ ହେଲେ ରାଜଯୋଟକ ବୋଲି କୁହାଯାଏ । ରାଜଯୋଟକ ହେଲେ ଗ୍ରହ ବୈରତା, ତାର ଅଶୁଦ୍ଧ ଗଣ ଅଶୁଦ୍ଧ, ବର୍ଣ୍ଣଦୋଷ ଓ ନାଡ଼ି ଦୋଷ ପ୍ରଭୃତିରେ ଅଶୁଭ ଫଳ ଖଣ୍ଡନ ହୁଏ ବୋଲି ଜ୍ୟୋର୍ତିବିଦଙ୍କ ମତ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଜନ ରୂପକ ଧନ...

କମ୍ପ୍ୟୁଟର ଓ ଆଣ୍ଡ୍ରଏଡ୍ ମୋବାଇଲ ଏବଂ ସେଥୁରେ ଇଣ୍ଟରନେଟ୍ ସୁବିଧା ଜୀବନରେ ଦୁନିଆର ଅନେକ ଜିନିଷ ସମ୍ପର୍କରେ ଜାଣିବାର ସୁଯୋଗକୁ ଆମ ହାତମୁଠାରେ ରଖି ପାରିଥିବା ବେଳେ ଜୀବନକୁ ବେଶ୍ ଅସୁରକ୍ଷିତ କରିବାର ସହଜ ମାଧ୍ୟମ ମଧ୍ୟ ପାଲଟିଛି । ଆଉ ଏହା ହେବାର କାରଣ, ବ୍ୟକ୍ତିଗତ ତଥ୍ୟ ବା ଡାଟା, ଯାହା ସାହାଯ୍ୟରେ ଏସବୁର ବ୍ୟବହାର କରାଯାଉଛି । ସେଥିପାଇଁ ସରକାର ତଥ୍ୟ ସୁରକ୍ଷା ବିଲ୍ ବା ଡାଟା ପ୍ରୋଟେକ୍ସନ୍ ବିଲ ଆଣିବାର ଉଦ୍ୟମ ଚଳାଇଛନ୍ତି । ତେବେ ଏହି ବିଲ୍ କେବଳ ଅନ୍‌ଲାଇନ୍ ଡାଟାର ସୁରକ୍ଷା ପ୍ରଦାନକୁ ପରିସରଭୁକ୍ତ କରିଥିବା ବେଳେ ପାର୍ଥିବ ଡାଟାକୁ ମଧ୍ୟ ପରିସରଭୁକ୍ତ କରିବା ନିମନ୍ତେ ବିଚାର କରାଯିବା ଆବଶ୍ୟକ । ଏହାର କାରଣ ଜାଣିବା ପାଇଁ ଏକ ଉଦାହରଣ ନିଆଯାଇପାରେ କର୍ଣ୍ଣାଟକର ସାମ୍ପ୍ରତିକ ଘଟଣାକୁ ଏହି ରାଜ୍ୟରେ ଆଉ ମାତ୍ର ଅଳ୍ପ କେତେ ମାସ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ବାକି ଅଛି । ଏଭଳି ଏକ ସମୟରେ ଚିଲୁମେ ଶୈକ୍ଷିକ, ସାଂସ୍କୃତିକ ଏବଂ ଗ୍ରାମ୍ୟ ବିକାଶ ଟ୍ରଷ୍ଟ ନାମରେ ଏକ ଏନ୍‌ଓ କୁ ଭୋଟରମାନଙ୍କୁ ମତଦାନ ସମ୍ପର୍କରେ ସଚେତନ କରିବା ନିମନ୍ତେ ଅନୁମତି ପ୍ରଦାନ କଲେ ବେଙ୍ଗାଲୁରୁର ସ୍ଥାନୀୟ କର୍ତ୍ତୃପକ୍ଷ । ପରନ୍ତୁ, ଏହି ସୁଯୋଗରେ ସମ୍ପୃକ୍ତ ଏନ୍‌ଜିଓର ପ୍ରତିନିଧୁମାନେ ସରକାରୀ କର୍ମଚାରୀ ଭାବରେ ପରିଚୟ ଅବଶ୍ୟ ଏକଥା ଜଣା ପଡ଼ିବା ପରେ ଏନ୍‌ଜିଓ ସହିତ ସ୍ଥାନୀୟ କର୍ତ୍ତପକ୍ଷ ଚୁକ୍ତିକୁ ବାତିଲ କରି ଏହାର କେତେଜଣ ପ୍ରତିନିଧିଙ୍କୁ ଗିରଫ କରିଛନ୍ତି । ଏହି ଘଟଣା ସମ୍ପୃକ୍ତ ରାଜ୍ୟରେ ରାଜନୀତିକ କାଦୁଅ ଫିଙ୍ଗା ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଏହା ମଧ୍ୟ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଉପରେ ପ୍ରଶ୍ନବାଚୀଟିଏ ସୃଷ୍ଟି କରିଛି । ଅନ୍‌ଲାଇନ୍ ଡାଟାର ସୁରକ୍ଷା ପାଇଁ ୨୦୧୯ ଅଗଷ୍ଟ ମାସରେ କେନ୍ଦ୍ର ସରକାର ଏକ ବିଲ୍ ଆଣିବା ପରେ ଏହାର କେତେକ ନିୟମ ପ୍ରତିବାଦର ଶିକାର ହୋଇଥିଲା । ପରିଣତିରେ ସରକାର ଆଉ ଏକ ନୂଆ ବିଲ୍ ପ୍ରସ୍ତୁତ କରିବାକୁ ବାଧ୍ୟ ହୋଇଥିଲେ, ଯାହାକୁ ଗତ ସପ୍ତାହରେ ଉନ୍ମୋଚନ କରାଯାଇଛି । ଭାରତରେ ଫେସ୍‌ବୁକ୍ ଏବଂ ଗୁଗଲ ଭଳି କମ୍ପାନୀମାନେ କିପରି ଡାଟାଗୁଡ଼ିକର ପ୍ରକ୍ରିୟାକରଣ କରୁଛନ୍ତି ଏବଂ ସେସବୁକୁ ସ୍ଥାନାନ୍ତରିତ କରୁଛନ୍ତି, ତାକୁ ଏହି ସଦ୍ୟତମ ପ୍ରସ୍ତାବିତ ଆଇନ ନିୟନ୍ତ୍ରଣ କରିବ । ବସ୍ତୁତଃ, ପୂର୍ବ ବିଲ୍‌କୁ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ଲବି ଯୋଗୁଁ ପ୍ରତ୍ୟାହାର କରି ନିଆଯାଇଥିଲା । ଏହି ବିଲ୍ ସୀମା-ପାର ଡାଟା ପ୍ରବାହଗୁଡ଼ିକ ଉପରେ କଠୋର କଟକଣା ଜାରି କରିବାର ବ୍ୟବସ୍ଥା କରିଥିଲା । ପ୍ରାଥମିକ ଅବସ୍ଥାରେ ଯଦିଓ ମୋଦୀ ସରକାର ଡାଟାର ଗୋପନୀୟତାକୁ ରକ୍ଷା କରିବା ନିମନ୍ତେ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ କାବୁ କରିବାର ଉଦ୍ୟମ କରିଥିଲେ, ତେବେ ପରବର୍ତ୍ତୀ ସମୟରେ ସେମାନେ ନିୟମାବଳୀଗୁଡ଼ିକୁ କୋହଳ କରିବା ସହିତ ସେମାନଙ୍କ ଉପରେ ଅନୁପାଳନର ବୋଝକୁ କମ୍ କରିବା ନିମନ୍ତେ ଦାବି କରିଥିଲେ । ପ୍ରକୃତରେ ଏହି ବହୁରାଷ୍ଟ୍ରୀୟ କମ୍ପାନୀମାନେ ଗୋପନୀୟ ବିଲ୍‌ଗୁଡ଼ିକର ମିଶ୍ରଣ କରିବା ନିମନ୍ତେ ଆମେରିକୀୟ ଚାପକୁ ବ୍ୟବହାର କରିଥିଲେ । ଭାରତରେ ସମ୍ପ୍ରତି ୭୬୦ ଡିଜିଟାଲ ପରିସରରେ କାମ କରୁଥିବା କମ୍ପାନୀମାନଙ୍କୁ ସହଜରେ ଉପଲବ୍ଧ ହୋଇ ଯାଉଛି । ସମ୍ପ୍ରତି ଭାରତ ସରକାର କହିଛନ୍ତି ଯେ କେଉଁସବୁ ଦେଶକୁ ଏହି କମ୍ପାନୀମାନେ ଡାଟା ହସ୍ତାନ୍ତରଣ କରି ପାରିବେ, ନିର୍ଦ୍ଦିଷ୍ଟ ଭାବରେ ସେହିସବୁ ଦେଶମାନଙ୍କର ନାମ କହିଦେବେ । ପୁନଶ୍ଚ, ଏହି ବିଲ୍‌ରେ ଏକ ନିୟମ ରହିବ ଯେ ଆଇନର ବ୍ୟବସ୍ଥାଗୁଡ଼ିକୁ ଭଙ୍ଗ କଲେ ସମ୍ପୃକ୍ତ କମ୍ପାନୀକୁ ୨.୫ ବିଲିଅନ୍ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼ିବ । ସରକାର 'ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ସ୍ୱାର୍ଥରେ ରଖି' ଏବଂ ଚିଠା ପ୍ରସ୍ତାବ ଅନୁସାରେ ସର୍ବସାଧାରଣରେ ଶୃଙ୍ଖଳା ରକ୍ଷା ପାଇଁ ଏହି ବିଲ୍‌ର ବ୍ୟବସ୍ଥାଗୁଡ଼ିକ ମଧ୍ୟରୁ ରାଷ୍ଟ୍ରୀୟ ଏଜେନ୍ସିମାନଙ୍କୁ ଅବ୍ୟାହତି ପ୍ରଦାନ କରିବେ, ଯାହା ଡିସେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ପରାମର୍ଶ ଏହି ଗୋପନୀୟତା ବିଲର ଯେଉଁ ବଡ଼ ଦୋଷଟି ରହିଛି, ତାହା ହେଉଛି, ଏହା ସରକାରଙ୍କୁ ଅନେକଗୁଡ଼ିଏ ସୁବିଧା ପ୍ରଦାନ କଲା ଭଳି ହୋଇଛି । ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ସରକାର ଯଦି ଚାହାନ୍ତି ଡାଟା ଉପଲବ୍ଧ କରିବାକୁ ଏବଂ ତାକୁ ବ୍ୟବହାର କରିବାକୁ, ତା'ହେଲେ ତାହା ବିନା କୌଣସି ପ୍ରତିବନ୍ଧକରେ କରି ପାରିବେ । ସରକାର କହିଛନ୍ତି ଯେ 'ବେଳେବେଳେ ଜଣେ ବ୍ୟକ୍ତିବିଶେଷଙ୍କଠାରୁ ଜାତୀୟ ସ୍ୱାର୍ଥ ବଡ଼ ହୋଇଥାଏ' ବୋଲି ଏହା ଅଧ୍ୟୟନ କରାଯାଇଛି ଏବଂ ସିଙ୍ଗାପୁର, ଅଷ୍ଟ୍ରେଲିଆ ଓ ୟୁରୋପୀୟ ରାଷ୍ଟ୍ରସଂଘରେ ଡାଟା ଆଇନଗୁଡ଼ିକର ସମୀକ୍ଷା କରାଯାଇଛି । ଶେଷରେ ଏତିକି କୁହାଯାଇପାରେ ଯେ ସରକାର ଯଦି ଚାହାନ୍ତି, ଜାତୀୟ ସୁରକ୍ଷା ପ୍ରସଙ୍ଗ ଦୃଷ୍ଟିରୁ ଏହି ନୂଆ ବିଲ୍ ତାଙ୍କୁ ଯେକୌଣସି ବ୍ୟକ୍ତିବିଶେଷଙ୍କ ଡାଟା ବିନା କୌଣସି ପ୍ରାକ୍-ଅନୁମତି କାମନା କରି ହାସଲ ଏବଂ ବ୍ୟବହାର କରି ପାରିବେ, ଯାହା ଡାଟା ସୁରକ୍ଷା କେବଳ ଏକ ବାହାନା ବୋଲି ଭାବନାଟିଏ ମନରେ ସୃଷ୍ଟି କରିବାର ଅବସର ପ୍ରଦାନ କରିବ । ଏହା ବାଦ୍ ସରକାର ମଧ୍ୟ କେବଳ ଅନ୍‌ଲାଇନ୍ ନୁହେଁ, ଅଫ୍‌ଲାଇନ୍ ତଥ୍ୟଗୁଡ଼ିକର ସୁରକ୍ଷା କରିବା ଜରୁରୀ ବୋଲି ବେଙ୍ଗାଲୁରୁ ଘଟଣା ସୂଚନା ଦିଏ । ସିଦ୍ଧାନ୍ତମୂଳକ ବିଲ୍ ଏସବୁ ଦିଗ ପ୍ରତି ଦୃଷ୍ଟି ଦେବାର ଜରୁରୀ ଆବଶ୍ୟକତା ରହିଛି ।

ଭି ିଭୂମି ନିର୍ମାଣ ସମୁଦ୍ର ଉପକୂଳ ପାଇଁ ନୂଆ ସଙ୍କଟ

ବିପିନ ବିହାରୀ ରାଉତ

ନଦୀ ନାଳ ଦ୍ୱାରା ସମୁଦ୍ରକୁ ବିଭିନ୍ନ ପ୍ରକାର ପଥର, ଗୋଡ଼ି, ପଙ୍କ ପ୍ରବାହିତ ହୋଇ ଆସେ । ସମୁଦ୍ରକୁ ପାଣି ଯାଉଥିବା ବେଳେ ଏ ସବୁ କଠିନ ପଦାର୍ଥ ସମୁଦ୍ର ଢ଼େଉରେ ଭାସି ଆସି କୂଳରେ ସମାନ ଭାବେ ଜମା ହୁଏ । ଏହି କଠିନ ପ୍ରାକୃତିକ ବର୍ଜ୍ୟ ଉପକୂଳରେ ଏକ ପ୍ରାକୃତିକ ସୁରକ୍ଷା ପାଚେରୀ ତିଆରି କରିଥାଏ । କିନ୍ତୁ କିଛି ବର୍ଷ ହେଲା ସମୁଦ୍ର କୂଳରେ ନିର୍ମାଣ ଓ ନଦୀର ଉପରମୁଣ୍ଡରେ ଜଳକୁ ଅବରୋଧ କରିବା ଦ୍ୱାରା ଏ ବ୍ୟବସ୍ଥା ପ୍ରଭାବିତ ହୋଇଛି । ନଦୀ ନାଳରେ ଠିକ ସମୟରେ ପାଣି ଆସୁନାହିଁ ଫଳରେ ପ୍ରାକୃତିକ କଠିନ ବର୍ଜ୍ୟ ମଧ୍ୟ ଆବଶ୍ୟକ ପରିମାଣରେ ଆସୁନାହିଁ । ଏହାଛଡ଼ା ସମୁଦ୍ର କୂଳରେ ବିଭିନ୍ନ ନିର୍ମାଣ କାମ ପାଇଁ କଠିନ ବର୍ଜ୍ୟ ସମତୁଲ ଭାବେ ସମୁଦ୍ର କୂଳରେ ଜମା ହୋଇପାରୁ ନଥିବାରୁ କେଉଁଠି ଅତ୍ୟଧିକ ଜମା ହୋଇ ରହୁଛି ତ ଆଉ କେଉଁଠି ଢ଼େଉ ସାଂଘାତିକ କୂଳ ଖାଉଛି ଯାହା ଉପକୂଳ ସୁରକ୍ଷା ପାଇଁ ସଙ୍କଟ ସୃଷ୍ଟି କରୁଛି । ନେଦରଲ୍ୟାଣ୍ଡର ପରିବେଶ ବିଜ୍ଞାନ ସମ୍ପର୍କିତ ପ୍ରତିଷ୍ଠିତ ସାଇନ୍ସ ଅଫ ଦି ଟୋଟାଲ ଏନଭାଇରନମେଣ୍ଟ ପତ୍ରିକାରେ ପ୍ରକାଶ ପାଇଛି । ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଅବକ୍ଷୟର ହଟସ୍ପଟ ଚିହ୍ନଟ ହୋଇଛି । ବଡ଼ କଥା ହେଉଛି ଯେ ଏହି ପ୍ରକ୍ରିୟା ମଧ୍ୟରେ ନଦୀଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଥିବା ଜଣାପଡ଼ିଛି । ଯାହାର ପ୍ରଭାବ ସ୍ୱରୂପ କିଛି ମାସ ପୂର୍ବେ ଋଷିକୂଲ୍ୟା ନଦୀରେ ଏକ ନୂଆ ମୁହାଣ ସୃଷ୍ଟି ହୋଇ ସାରିଛି । ଗବେଷଣାରେ କୁହାଯାଇଛି ଯେ ମହାନଦୀ ଉପରମୁଣ୍ଡ ସହିତ ରାଜ୍ୟର ବିଭିନ୍ନ ନଦୀ ଉପରମୁଣ୍ଡରେ ଡ୍ୟାମ ଓ ଅନ୍ୟ କାର୍ଯ୍ୟ ପାଇଁ ସମୁଦ୍ର ପାଣିକୁ ଆସିବା କମ ହୋଇଯାଉଛି । ଏହାଦ୍ୱାରା ଗତ ୨୦-୩୦ ବର୍ଷ ମଧ୍ୟରେ ସମୁଦ୍ରକୁ ପାଣି ଓ ସେଡିମେଣ୍ଟ ଆସିବା ମଧ୍ୟ କମ ହୋଇଯାଇଛି । ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସମୁଦ୍ର ଉପକୂଳ ଅବକ୍ଷୟ ହେବାରେ ଲାଗିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି । ଏରି ରିସର୍ଚ୍ଚରେ ସାମିଲ ଥିବା ଫକୀର ମୋହନ ବିଶ୍ୱବିଦ୍ୟାଳୟର ଜିଓଗ୍ରାଫି ବିଭାଗର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ ଏଥିରେ ମୁଖ୍ୟତଃ ବନ୍ଦର ଅଞ୍ଚଳ ଗୁଡ଼ିକ ଅଧିକ ପ୍ରଭାବିତ ହେଉଥିବା ଜଣା ପଡ଼ିଛି । ରାଜ୍ୟରେ ଥିବା ୩ଟି ବନ୍ଦର ମଧ୍ୟରୁ ବର୍ତ୍ତମାନ ପାରାଦ୍ୱୀପ ଓ ଗୋପାଳପୁର ବନ୍ଦରର ଏହାର ପ୍ରଭାବ ଦେଖା ଦେଇ ସାରିଛି । ସେ କହିଛନ୍ତି ଯେ ବନ୍ଦର ନିର୍ମାଣ ପାଇଁ ପ୍ରଥମେ ସମୁଦ୍ର ଢ଼େଉର ପ୍ରତିକାର ପାଇଁ ଏକ ଲମ୍ବା କଂକ୍ରିଟ ଭିତ୍ତି (ଷ୍ଟ୍ରକଚର) ନିର୍ମାଣ କରାଯାଉଛି । ଏହି ଲମ୍ବା ଭିତ୍ତିଟି ସମୁଦ୍ର ଢ଼େଉକୁ ପ୍ରତିରୋଧ କରୁଛି । ଏହି ଲମ୍ବା ଭିତ୍ତି ଯାହାର ଉଦାହରଣ ସ୍ୱରୂପ ପାରାଦ୍ୱୀପର ଉତ୍ତର ଅର୍ଥାତ ସାତଭାୟାରେ ସମୁଦ୍ର କୂଳ ଲଙ୍ଘିବା ସହିତ ଏଠାରେ ଅବକ୍ଷୟ ହୋଇ ଚାଲିଛି । ସମାନ ଭାବେ ଗୋପାଳପୁର ବନ୍ଦରର ଦକ୍ଷିଣ ଅର୍ଥାତ୍ ଟୁରିଷ୍ଟ ବିଚ ନିକଟସ୍ଥ ଅଞ୍ଚଳରେ ସେଡିମେଣ୍ଟ ଗଦା

ରାଜ୍ୟରେ ଥିବା ୩ଟି ବନ୍ଦର ମଧ୍ୟରୁ ବର୍ତ୍ତମାନ ପାରାଦ୍ୱୀପ ଓ ଗୋପାଳପୁର ବନ୍ଦରର ଏହାର ପ୍ରଭାବ ଦେଖା ଦେଇ ସାରିଛି । ସେ କହିଛନ୍ତି ଯେ ବନ୍ଦର ନିର୍ମାଣ ପାଇଁ ପ୍ରଥମେ ସମୁଦ୍ର ଢ଼େଉର ପ୍ରତିକାର ପାଇଁ ଏକ ଲମ୍ବା କଂକ୍ରିଟ ଭିତ୍ତି (ଷ୍ଟ୍ରକଚର) ନିର୍ମାଣ କରାଯାଉଛି । ଏହି ଲମ୍ବା ଭିତ୍ତିଟି ସମୁଦ୍ର ଢ଼େଉକୁ ପ୍ରତିରୋଧ କରୁଛି ।

ଯୋଗୁଁ ଯେଉଁ ସେଡିମେଣ୍ଟ ଗୁଡ଼ିକ ସମାନ ଭାବେ ବାଣ୍ଟି ହୋଇଯିବା କଥା ଏହି ଷ୍ଟ୍ରକଚର ଯୋଗୁଁ ସେହି ସ୍ଥାନରେ ଏହା ଉପକୂଳକୁ ଆସିପାରୁନାହିଁ । ତେବେ ଯେଉଁ ସ୍ଥାନରେ ଏହି ବାଧା ସୃଷ୍ଟି ହେଉଛି, ଏହାର ଦକ୍ଷିଣ ଦିଗରେ ଏହି ସମସ୍ତ ସେଡିମେଣ୍ଟଗୁଡ଼ିକ ଗଦା ହେଉଛି । ମାତ୍ର ଏହାର ଉତ୍ତର ଦିଗରେ ବ୍ୟାପକ ଭାବେ ସମୁଦ୍ର ଅବକ୍ଷୟ ହେବାରେ ଲାଗିଛି ବୋଲି ଜଣାପଡ଼ିଛି । ହୋଇ ଚାଲିଥିବାବେଳେ ବନ୍ଦରର ଉତ୍ତର ଭାଗ ଅର୍ଥାତ୍ ପୋଡମପେଟାରେ କୂଳ ଅବକ୍ଷୟ ହେଉଛି । ଏହି ଅବକ୍ଷୟ ଫଳରେ ସେଉଁ ସେଡିମେଣ୍ଟ ସବୁ ସମୁଦ୍ରକୁ ଆସୁଛି ତାହା ବର୍ତ୍ତମାନ ଋଷିକୂଲ୍ୟା ମୁହାଣ ନିକଟରେ ଗଦା ହେଉଛି । ଯାହାଫଳରେ ଏହି ମୁହାଣରୁ ସମୁଦ୍ରକୁ ଠିକ ଭାବେ ପାଣି ଆସ ନପାରି ଋଷିକୂଲ୍ୟାରେ ଆଉ ଏକ ମୁହାଣ ଖୋଲିଛି ଓ ସେଠାରୁ ସମୁଦ୍ରକୁ ପାଣି ପ୍ରବେଶ କରିଛି । ବର୍ତ୍ତମାନ ଯେଉଁ ମୁହାଣ ଦେଇ ପାଣି ସମୁଦ୍ରରେ ମିଶୁଛି, ସେଠାରେ ବିରଳ ଅଲିଭରିଡଲେ କଇଁଛ ଗଣ ଅଣ୍ଡାଦାନ କରିଥାନ୍ତି । ବର୍ତ୍ତମାନ ଏହି ପ୍ରକ୍ରିୟାରେ ମଧ୍ୟ ବାଧା ସୃଷ୍ଟି ହେବ ବୋଲି ପ୍ରଫେସର ମିଶ୍ର କହିଛନ୍ତି ।

ତେଣୁ ରାଜ୍ୟର ଯେକୌଣସି ସ୍ଥାନର ବନ୍ଦର କିମ୍ବା ଅନ୍ୟ କୌଣସି ଭିତ୍ତିଭୂମି ବିକାଶ ପାଇଁ ଚିନ୍ତା କରାଗଲେ ସରକାର ଆଖପାଖ ଗାଁ ଓ ଅନ୍ୟ ଦିଗ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି । ଏହି ଦୁଇଟି ବନ୍ଦର ପାଇଁ ସମସ୍ୟା ସୃଷ୍ଟି ହୋଇ ସାରିଥିବା ବେଳେ ଧାମରାରେ ଏହି ସମସ୍ୟା ବର୍ତ୍ତମାନ ପର୍ଯ୍ୟନ୍ତ ଦେଖାଯାଇ ନାହିଁ । ଧାମରା ବନ୍ଦର ପାଇଁ ସମୁଦ୍ର ମଧ୍ୟରେ ଥିବା ଦୀପ ବରଦାନ ସାବ୍ୟସ୍ତ ହୋଇଛି । ପ୍ରାକୃତିକ ଉପାୟରେ ସମୁଦ୍ର ଲହଡି ଦୀପରେ ମାଡ଼ ହେଉଥିବାରୁ ବନ୍ଦର ପାଇଁ ବିଶେଷ ସମସ୍ୟା ସୃଷ୍ଟି ହେଉ ନଥିବା ଏହି ରିପୋର୍ଟରେ କୁହାଯାଇଛି । ଅନ୍ୟପଟେ ଯେଉଁ ସ୍ଥାନ ଗୁଡ଼ିକରେ ଅବକ୍ଷୟ ହେଉଛି, ସେଠାରେ ବାରୟାର ବାଲି ଫିଲିଂ ହେବା ଆବଶ୍ୟକତା ରହିଛି । ଆମେ ସମସ୍ତେ ସଚେତନ ହୋଇ ପରିବେଶକୁ ଭଲ ପାଇବା ଅତ୍ୟନ୍ତ ଜରୁରୀ ।

❤ଶ୍ରୀବିହାର କଲୋନୀ,
କଟକ, ମୋ: ୯୪୩୭୬୬୬୪୫୩

"ରେଗିଂ କଳଙ୍କ"

କାଳି ଦାସ

୨୦୨୧ ରେ ୫୨୧ଟି ରେଗିଂ ଜନିତ ମାମଲା ଲୋକଲୋଚନ କୁ ଆସିଛି । ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ରେ ଏହି ରେଗିଂ ଜନିତ ଘଟଣା ଗୁଡିକ ଘଟିଛି । ରେଗିଂ ଗୋଟିଏ ପାଶ୍ଚାତ୍ୟ ଧାରଣା ବା ପ୍ରୟୋଗ ଯାହା ପରବର୍ତ୍ତିକାଳ ରେ ଭାରତ ରେ ଦେଖିବା କୁ ମିଳିଛି ।

ବିଭିନ୍ନ ସମୟରେ ବିଶ୍ୱବିଦ୍ୟାଳୟରେ ନୂତନ ଛାତ୍ର ଏବଂ ଛାତ୍ରୀଙ୍କୁ ତାଙ୍କ ସିନିୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ରେଗିଂ କରିବା ଆଭିଯୋଗ ହୋଇଛି ଏବଂ ସିନିୟରଙ୍କ ରେଗିଂ ସହିନପାରି ଛାତ୍ର ଏବଂ ଛାତ୍ରୀ ମାନେ ଆତ୍ମହତ୍ୟା କରିବା ଖବର ମଧ୍ୟ ଲୋକଲୋଚନ କୁ ଅସିଛି । କଳେଜ ରେ ପଢୁଥିବା ଜୁନିୟର ଛାତ୍ର ଛାତ୍ରୀଙ୍କୁ ସିନିୟର ଛାତ୍ର ଛାତ୍ରୀ ରେଗିଂ ସମୟ ରେ ଧମକ ଚମକ ଦିଅନ୍ତି ଏବଂ କହନ୍ତି କି ଯଦି କୌଣସି ଛାତ୍ର ବା ଛାତ୍ରୀ କଲେଜ କର୍ତ୍ତୁପକ୍ଷଙ୍କୁ ତାଙ୍କ ସାଥିରେ ହୋଇଥିବା ରେଗିଂ ବିଷୟ ରେ ଆଭିଯୋଗ କରେ ତାହେଲେ ତା ପରିଣାମ ତାକୁ ଭୋଗିବା କୁ ପଡିବ । ଏମିତି ଅନେକ ଛାତ୍ର ଛାତ୍ରୀଙ୍କ ଉପରେ ତାଙ୍କ ସିନିୟରଙ୍କ ଦ୍ୱାରା ରେଗିଂ ହୋଇଥିବା ଖବର କୁ ଡର ରେ ନୂତନ ଛାତ୍ର ଛାତ୍ରୀ ମାନେ ଚପେଇ ଦେଇଛନ୍ତି କିନ୍ତୁ ବେଳେ ବେଳେ ରେଗିଂ ଅତ୍ୟଧିକ ହୋଇଥାଏ ଯାହା ଜୁନିୟର ଛାତ୍ର ଛାତ୍ରୀଙ୍କ ଆତ୍ମସମ୍ମାନ କୁ ଆଘାତ ଦିଏ ଏବଂ ଏହା କୁ ସହିନପାରି ବିଭିନ୍ନ୍ନ ପଦକ୍ଷେପ ସେମାନେ ନେଇଥାନ୍ତି । ଭାରତ ରେ ଯେତେବେଳେ ରେଗିଂ ଜନିତ ଖବର ଲୋକଲୋଚନ କୁ ଆସିଲା ସେତେବେଳେ ରାଜ୍ୟସରକାର, ପ୍ରଶାସନ, ଓ ଶିକ୍ଷା ଅନୁଷ୍ଠାନ ଗୁଡିକ ରେଗିଂ କୁ ବନ୍ଦ କରିବା ପାଇଁ ତତ୍ପର ହେଲେ । ଏଣ୍ଟି ରେଗିଂ କମିଟି ବିଭିନ୍ନ୍ନ ରାଜ୍ୟ ରେ ଗଠନ କରାଗଲା , ରାଜ୍ୟ ସରକାରଙ୍କ ତରଫ ରୁ ଟୋଲ ଫ୍ରି ନମ୍ବର ଜାରି କରାଗଲା ।ବିଭିନ୍ନ୍ନ ରାଜ୍ୟ ସରକାରଙ୍କ ତରଫ ରୁ ଜାରି ହୋଇଥିବା ଏଣ୍ଟି ରେଗିଂ ଟୋଲ ଫ୍ରି' ନମ୍ବର କୁ ଡାଏଲ କରି ଛାତ୍ର ଛାତ୍ରୀ ମାନେ ତାଙ୍କ ସହିତ ହୋଇଥିବା ରେଗିଂ ବିଷୟ ରେ ଆଭିଯୋଗ କରିପାରିବେ । ଯଦି ସିନିୟର ଛାତ୍ର ଏବଂ ଛାତ୍ରୀ ରେଗିଂ ରେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ କଲେଜ ରୁ ପାଞ୍ଚ ବର୍ଷ ପାଇଁ ବରଖାସ୍ତ କରାଯିବ, ଆଉ ଯଦି କଲେଜ'କର୍ତ୍ତୁପକ୍ଷ ଛାତ୍ର ଛାତ୍ରୀଙ୍କ ଉପରେ ହୋଇଥିବା ରେଗିଂ ର ଖବର ଚପେଇ ଦେବାପାଇଁ ଚେଷ୍ଟା କରନ୍ତି ତାହେଲେ ତାଙ୍କ ଉପରେ ପ୍ରଶାସନ ଦ୍ୱାରା କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ୨୦୦୭ ରେଗିଂ ରେ ୪୨ ଜଣ ଛାତ୍ର ଗମ୍ଭୀର ଭାବ ରେ ଆହତ ହୋଇଛନ୍ତି ଏବଂ ୧୦ ଜଣ ଛାତ୍ର ରେଗିଂ ରେ ମୃତ୍ୟୁବରଣ କରିଛନ୍ତି ।

ରେଗିଂ ରେ ସିନିୟର ମାନେ ଯୁନିୟର ମାନଙ୍କୁ ଗାଳିଗୁଲଜ କରନ୍ତି, ଅଶ୍ଳୀଳ କଥା କହନ୍ତି । ଯୁନିୟରଙ୍କୁ ବିଭିନ୍ନ୍ନ ପ୍ରକାର ମାନସିକ ଓ ଶାରୀରିକ ଯନ୍ତ୍ରଣା ଦିଅନ୍ତି ।

୧୯୯୭ ରେ ପ୍ରଥମ ଥର ପାଇଁ ତାମିଲନାଡୁ ରେ ରେଗିଂ ବିରୋଧ ରେ କାନୁନ ପାସ କରାଗଲା । ମେ

ରେଗିଂରେ ସିନିୟରମାନେ ଯୁନିୟରମାନଙ୍କୁ ଗାଳିଗୁଲଜ କରନ୍ତି, ଅଶ୍ଳୀଳ କଥା କହନ୍ତି । ଯୁନିୟରଙ୍କୁ ବିଭିନ୍ନ୍ନ ପ୍ରକାର ମାନସିକ ଓ ଶାରୀରିକ ଯନ୍ତ୍ରଣା ଦିଅନ୍ତି । ୧୯୯୭ରେ ପ୍ରଥମଥର ପାଇଁ ତାମିଲନାଡୁ ରେ ରେଗିଂ ବିରୋଧରେ କାନୁନ ପାସ କରାଗଲା ।

୨୦୦୧ ରେ ସୁପ୍ରିମ କୋର୍ଟ ରେ "ବିଶ୍ୱଜାଗୃତି ମିଶନ" ର ଜନସ୍ୱାର୍ଥ ମାମଲା ର ଶୁଣାଣି ହେଲା । ଏହି ଜନସ୍ୱାର୍ଥ ମାମଲା ରେଗିଂ କୁ ନେଇ ହେଇଥିଲା । ସୁପ୍ରିମ କୋର୍ଟ ରେଗିଂ ଦ୍ୱାରା ପୀଡିତ ବା ପୀଡ଼ିତା ଙ୍କୁ ନ୍ୟାୟ ଦେବାପାଇଁ ଜାତୀୟ ଏଣ୍ଟି ରେଗିଂ ହେଲ୍ପଲାଇନ ଜାରି କରିଥିଲା ଏହା ଦ୍ୱାରା ଅନୁଷ୍ଠାନ ର ମୁଖିଆଙ୍କୁ ଓ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ନିଜ ଶିକ୍ଷାନୁଷ୍ଠାନ ରୁ ରେଗିଂ ର ପୀଡିତ ବା ପୀଡ଼ିତା ଅଭିଯୋଗ କରିପାରିବେ ଏବଂ ଅଭିଯୋଗ କାରିଙ୍କ ନା ଗୋପନୀୟ ରହିବ । ଏହା ଦ୍ୱାରା ନିର୍ଭୟ ହୋଇ ରେଗିଂ ରେ ପୀଡିତ ବା ପିଡିତା ନିଜ ଅଭିଯୋଗ କରିପାରିବେ ।

ବିଗତ ଦିନ ଏକ ରେଗିଂ ଘଟଣା ବ୍ରହ୍ମପୁର ଆସ୍କା ରୋଡ ସ୍ଥିତ ବିନାୟକ ଆଚାର୍ଯ୍ୟ କଲେଜ ରେ ଘଟିଯାଇଛି । ବିନାୟକ ଆଚାର୍ଯ୍ୟ କଲେଜ ର ଜଣେ ନୂତନ ନାବାଳିକ ଛାତ୍ରୀଙ୍କ ଉପରେ ରେଗିଂ ହୋଇଥିବା ଘଟଣା ଗଣମାଧ୍ୟମ କୁ ଆସିଥିଲା । ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ' କୋଲେଜ ରେ ପଢୁଥିବା ଛା

ଆତିଥ୍ୟର ଆମନ୍ତ୍ରଣ

ଅମ୍ବିକା ସାଇଁ

ସେଦିନ ହୋଇଥାଏ ରବିବାର । ଠିକ ଦିନ ଏଗାରଟା ସମୟରେ ପଣ୍ଡାବାବୁଙ୍କୁ ଫୋନ ଲଗାଇଲି, କିଛି ଜରୁରୀ କଥା ପାଇଁ । ପଣ୍ଡା ବାବୁଙ୍କ ସହ ମୋର ସାହିତ୍ୟର ସମ୍ପର୍କ । ଅର୍ଥାତ ଜଣେ ସାହିତ୍ୟିକ ହିସାବରେ ପରିଚିତ । କେବଳ ତାଙ୍କ ଲେଖା ଲେଖି ଛଡା ତାଙ୍କ ବିଷୟରେ ବା ପରିବାର ବିଷୟରେ ମୁଁ ବିକକୂଲ ଅବଗତ ନ ଥିଲି । ସାହିତ୍ୟ ସମ୍ପର୍କରେ ମଧ୍ୟ ବେଶ ଦୂରତ୍ୱ । ପାଞ୍ଚ ବର୍ଷ ପୂର୍ବରୁ ଫେସବୁକ ଓ ଖବରକାଗଜର ଲେଖା ମାଧ୍ୟମରେ ଯାହା ପରସ୍ପରକୁ ପଢିଛୁ, ଜାଣିଛୁ, ନାଁ ଦ୍ୱାରା ଚିହ୍ନୁଚୁ । କିନ୍ତୁ ଯାହା ମନେ ଅଛି ଅନେକ ଦିନ ତଳେ ଥରେ ମାତ୍ର ଏହି ଲେଖା ଲେଖି ବିଷୟରେ ଫୋନ ମାଧ୍ୟମରେ କଥା ହୋଇଥିଲୁ । କେହି କାହାକୁ କେବେ ସ୍ୱଶରୀରରେ ଦେଖି ନାହୁଁ କି ଭେଟି ବି ନାହୁଁ କୌଣସି ସଭା ସମିତିରେ ମଧ୍ୟ ଦେଖା ହୋଇନାହିଁ । କାରଣ ମୁଁ ଭୁବନେଶ୍ୱରରେ ରୁହେ ପଣ୍ଡା ବାବୁ ଯାଜପୁରରେ ରୁହନ୍ତି । ଆଜିକାଲି ଏହି ଫେସବୁକ ଓ ସ୍ମାର୍ଟଫୋନ ଯୁଗରେ ବୋଧହୁଏ କେହି କାହାର ଆଉ ଅଜଣା ଅଶୁଣା ବା ଅପରିଚିତ ନାହାନ୍ତି । ପରସ୍ପର ଯେତେ ଦୂରରେ ରହିଲେ ବି କେହି କାହାକୁ ଆଖିରେ ନ ଦେଖି ଥିଲେ ବି ସମସ୍ତେ ଆଜି ପରସ୍ପରର ପରିଚିତ । ଏହିପରି ମୋ ସହ ଜଣେ ପରିଚିତ ବ୍ୟକ୍ତିତ୍ୱ ହେଲେ ପଣ୍ଡା ବାବୁ ।

ମୋ ତରଫରୁ ସେଦିନ ତାଙ୍କ ଫୋନଟି ଯେତେବେଳେ ବାଜି ଉଠିଲା କିଛି ସମୟ ପରେ ସେପଟୁ ଏକଦମ କୋଇଲି କଣ୍ଠି ସ୍ୱରଟି ମୋ କାନରେ ଶୁଭିଗଲା । ମୁଁ ହଠାତ ଭାବିଲି ଫୋନଟି ଭୁଲରେ ଆଉ କେଉଁଠିକୁ ଲାଗି ଗଲା କି ? ତଥାପି ଏପଟୁ ପଚାରିଲି,ପଣ୍ଡା ବାବୁ ନାହାନ୍ତି କି ? ନା ନାହାନ୍ତି ମାଡାମ, ସେ ମାର୍କେଟ ଯାଇଛନ୍ତି । ହଉ ତେବେ ଠିକଅଛି ଆପଣ କହି ଦେବେ ମୁଁ ଫୋନ କରିଥିଲି ବୋଲି । ହଁ ମ୍ୟାଡ଼ାମ ମୁଁ କହିଦେବି ହେଲେ ଆପଣ କିଏ କହୁଥିଲେ ?

ମୁଁ ମୋ ପରିଚୟ ଦେଲି ।

ଏବଂ ଔପଚାରିକତା ଦୃଷ୍ଟିରୁ ପଚାରି ଦେଲି, ଆପଣ ପଣ୍ଡା ବାବୁଙ୍କର କଣ ହୁଅନ୍ତି..? ସେ ମୋ କଥା ଶୁଣି ଖୁସିରେ ଗଦ ଗଦ ହୋଇ ପ୍ରୀତିଭରା କୁରୁଲା ହସାଟିଏ ଦେଲେ ଏବଂ ସେ କିଛି କହିବା ପୂର୍ବରୁ ମୁଁ ବୁଝି ନେଲି ଏବଂ ପଚାରିଲି ଆପଣ କ'ଣ ପଣ୍ଡା ବାବୁଙ୍କର ପତ୍ନୀଦେବୀ ? ସେ କହିଲେ, ହଁ ମ୍ୟାଡ଼ାମ ।

ସେ ଝିଅଟିର ମଧୁର ମିଠା ସ୍ନେହ ବୋଳା କଥାରେ କି ଯାଦୁ ଥିଲା କେଜାଣି ଇଚ୍ଛା ହେଲା ଦୁଇପଦ କଥା ହେବାକୁ । ପଚାରିଲି ଘରେ କିଏ ସବୁ ଅଛନ୍ତି ?

କହିଲେ ଆମର ଯୌଥ ପରିବାର ସମସ୍ତେ ମିଶିକି ରହିଛୁ ।

ଯୌଥ ପରିବାର ନାଁ ଶୁଣି ମୋ ଭିତରେ ଏକ ଅକୁହା ଆବେଗ ଖେଳିଗଲା କାରଣ ଏହି ଅଳ୍ପ ଦିନ ତଳେ ଯୌଥ ପରିବାରକୁ ନେଇ ମୁଁ ଏକ ଆର୍ଟିକିଲଟି ଲେଖିଛି । ଭାବୁଥିଲି ଆଜିକାଲି ଯୌଥ ପରିବାର ହଜି ଯାଇଛି । ତେଣୁ ମନର ଭାବନା ସହ ସେହି ପୁରୁଣା ସ୍ମୃତିକୁ ସାଉଁଟିଧରି ଲେଖାଟିଏ ଲେଖିଛି । ମୋ ଅନୁଭବରୁ ଯାହା ଜାଣିଛି ଅନେକ ସମୟରେ ଦେଖାଯାଏ, ନିଜ ଭାବନା ଭିତରେ ଆନ୍ଦୋଳିତ ହେଉଥିବା କଥାଟି ବେଳେବେଳେ ଆଖି ସାମ୍ନାରେ ଘଟିଯାଏ । ଅର୍ଥାତ ହୃଦୟରୁ ଯେତେବେଳେ ଗୋଟେ ଲେଖା ହେଉ ବା କିଛି କଥା ହେଉ ତୁମକୁ ଗଭୀର ଭାବରେ ତୁମ ଚିନ୍ତନରେ ରହିଥାଏ ସେହି କଥା ବା ଘଟଣା ବେଳେବେଳେ ତୁମକୁ ଦୃଶ୍ୟମାନ ହୁଏ ବା ଜାଣିବାକୁ ମିଳେ । ଯେମିତି ଯୌଥ ପରିବାର କଥାଟି ସଂଯୋଗ ବଶତଃ ଘଟିଲା ମୋ ସହ । ମୁଁ ଆଶ୍ଚର୍ଯ୍ୟ ବି ହେଲି । ଏ ସବୁ ଭଗବାନଙ୍କର କରୁଣା ବୋଲି ଉପଲବ୍ଧି କଲି, ଏମିତି ସଂଯୋଗ ବିଭିନ୍ନ ଘଟଣାକୁ ନେଇ ମୋ ସହ ବାର୍ ବାର୍ ଘଟେ । ସେ ଯାହା ବି ହେଉ ସେ ଭଉଣୀ ସହ କଥା ହୋଇ ଏକ ଅନନ୍ୟ ଅନୁଭୂତି ସାଉଁଟିଲି, ସେହି ମୁହୂର୍ତ୍ତ ତାଙ୍କ ସ୍ନେହ ରଜ୍ଜୁରେ ଯେପରି ବାନ୍ଧି ହୋଇଗଲି, ମୁଁ କଥା ଛଳରେ ପଚାରି ଦେଲି, କଣ ରୋଷେଇ ସରିଲାଣି ? ଖିଆପିଆ ହେଲାଣି କି ନାହିଁ ?

କହିଲେ ନାହିଁ ମାଡାମ, ରୋଷେଇ ଚାଲିଛି, ଆଉ ମୋ ଶାଶୂଙ୍କର ମୋର ଏକାଠି ବସି ପଖାଳ ଖାଉଛୁ, ମୋ ଶ୍ୱଶୁର ମାଂସ ରାନ୍ଧୁଛନ୍ତି ।

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, ଶ୍ୱଶୁର ରାନ୍ଧୁଛନ୍ତି ?

ହଁ ମାଡ଼ାମ !! ଖାଲି ମାଂସ ନୁହେଁ ମାଛ ବି ରାନ୍ଧୁଛନ୍ତି । ମୋ ବାପା, ମାଆ ଆଜି ଆସୁଛନ୍ତି ତ ତେଣୁ ପଣ୍ଡା ବାବୁ ଯାଇଛନ୍ତି ବସ୍ ପାଖରୁ ସେମାନଙ୍କୁ ଆଣିବା ପାଇଁ । ଏକଥା ଶୁଣିଲା ପରେ ମୋ ଭିତରେ ଏକ ଅଜଣା ଆନନ୍ଦର ଶିହରଣ ଖେଳିଗଲା । ମୁଁ କହିଲି ଆଚ୍ଛା, ଖୁବ୍ ଭଲ କଥା । ଆପଣଙ୍କ ବାପା ମା ଆସୁଛନ୍ତି ବହୁତ ବଢିଆ । ଏହି ସମୟରେ ତାଙ୍କ ଶ୍ୱଶୂରଙ୍କ ହାତକୁ ଫୋନ ଧରାଇ ଦେଇ କହିଲେ. ନିଅନ୍ତୁ ବାପାଙ୍କ ସହ କଥା ହୁଅନ୍ତୁ । ମୋତେ ଅନୁଭବ ହେଲା ତାଙ୍କ ଶାଶୂ, ଶ୍ୱଶୁର ଆମ କଥା ସବୁ ଯେମିତି ଖୁସି ମନରେ ଶୁଣୁଥିଲେ, ବାପା ମଧ୍ୟ ଖୁସିରେ କଥା ହୋଇ ଅନେକ କଥା କହିଲେ । କହିଲେ, ମା'ରେ ଆମ ଘର ଆଡ଼େ କେତେବେଳେ ଆସ, ଆମେ ବହୁତ ଖୁସି ହେବୁ । ଆମ ଘରକୁ କିଏ ଅତିଥି ଆସିଲେ ଆମକୁ ଭାରି ଆନନ୍ଦ ମିଳେ । କହିଲ ଝିଅ, ଦୁନିଆରେ ଆଉ କଣ ଅଛି ଯେ ?

ମୁଁ କହିଲି ହଁ ଆଜ୍ଞା । ଠିକ୍ କଥା । କହିଲେ, ଏଇତ ସ୍ନେହ ମମତାର ସମ୍ପର୍କ ।

ସମ୍ପର୍କ ଡୋରିରେ ବାନ୍ଧି ଜାଣିଲେ ପର ବି ହେବ ଆପଣାର । ଯେମିତି ଆପଣ ମୋତେ ଏହି ମୁହୂର୍ତ୍ତଟିରେ ଆପଣାର କରି ନେଲେ । ମନେ ମନେ ଭାବୁଥାଏ ବାଃ..ସତରେ କେତେ ଆଦର !!

କେତେ ସ୍ନେହପୂର୍ଣ୍ଣ କଥା !! ପୁଲକ ଖେଳି ଯାଉଥିଲା ମୋ ଭିତରେ ।

'ପୂର୍ବରୁ ବୋହୂ ମଧ୍ୟ ମୋତେ ଆତିଥ୍ୟର ଆମନ୍ତ୍ରଣ କରି ସାରିଥିଲେ । ଥରେ ନୁହେଁ ବାର୍ ବାର୍ ଦୁହେଁ କହୁଥିଲେ ମାଡ଼ାମ ନିଶ୍ଚିତ ଆସିବେ ।

ବାପା କହିଲେ, ଝିଅରେ ଆପଣ ଆସିଲେ ଫୋନ କରିଦେବେ ପୁଅ ଯାଇ ବସ୍ ପାଖରୁ ଆପଣଙ୍କୁ ଘରକୁ ନେଇ ଆସିବ କିଛି ଅସୁବିଧା ହେବନି । ମୁଁ ଏକଥା ଶୁଣି ଖୁବ୍ ଖୁସି ହୋଇ ଯାଇଥିଲି ।

ମୁଁ କେବେ ଯିବି କି ନାହିଁ ତାହା ଜଣା ନାହିଁ, କିନ୍ତୁ ସେ ସମୟର ସେମାନଙ୍କର ଆତିଥ୍ୟର ଆମନ୍ତ୍ରଣରେ ମୁଁ ବିମୋହିତ ସତରେ...!!

ମୋ ଭିତରେ ଯେଉଁ ଆନନ୍ଦ, ସେ ଆନନ୍ଦ ସେ ଅନୁଭବର ଅପୂର୍ବ ଖୁସିକୁ ପ୍ରକାଶ କରିବା ପାଇଁ ସତରେ ମୋ ପାଖରେ ଶବ୍ଦ ନାହିଁ । ସେଦିନ କେବଳ ଭାବୁ ନଥିଲି, ଏବେ ବି ଭାବୁଛି ଏପରି ମଣିଷ, ଏପରି ପରିବାର ଆଜିକାଲିର ଦୁନିଆରେ ଅଛନ୍ତି ସତେ..!!! ମୋତେ ଯେପରି ଅନୁଭବ ହେଉଥିଲା, ସେମାନଙ୍କର ଡାକିବାରେ ନା ଥିଲା ଛଳନା ନା ଥିଲା ମିଛ ଅଭିନୟ । ଶ୍ୱଶୁର ଏବଂ ବୋହୂ ଦୁହିଁଙ୍କ କଥାରୁଯେମିତି ଝରୁଥିଲା ଆବେଗମୟ ଅମୃତର ଧାରା । ଅଜଣା ଅଶୁଣା ଲୋକଙ୍କୁ ତାଙ୍କ ଛନ୍ଦହୀନ ଭାବନାରେ ଆପଣାର କରିବାର କଳା, କେତେ ସୁନ୍ଦର ଭାବରେ ସେମାନଙ୍କୁ ଜଣା, ସେମାନଙ୍କ ଭିତରେ ସ୍ପଷ୍ଟ ଦୃଶ୍ୟମାନ ହେଉ ଥିଲା ସ୍ନେହ, ପ୍ରେମ, ଭଲ ପାଇବା କାହାକୁ କୁହନ୍ତି !! ସମସ୍ତେ ସେହି ପରିବାରରୁ ନିଶ୍ଚିତ ଭାବରେ ଶିଖିବାର ଅଛି । ଶାଶୂ, ଶ୍ୱଶୁର, ପୁଅ ବୋହୂ ତଥା ସମୁଦି ଘର ସହ, ପରସ୍ପର ଭିତରେ କିପରି ଅନାବିଳ ମଧୁମୟ ପ୍ରେମପୂର୍ଣ୍ଣ ସମ୍ପର୍କ ...!!! ସେ ଭିତରେ ସମାଜିକ ସମ୍ପର୍କ ଚିନ୍ତା ଚେତନା ମଧ୍ୟ କିପରି ଭାବରେ ପରିସ୍ଫୁଟ, ତାହା ଆପଣମାନଙ୍କ ସାମ୍ନାରେ....ମୋ କର୍ଣ୍ଣରେ ବାର୍ ବାର୍ ଗୁଞ୍ଜରିତ ହେଉଛି ସେହି କୁନି ଭଉଣୀଟିର ପଦିଏ ଅମୃତ ବୋଳା କଥା !

'କଥାଟି ହେଲା ଆମେ ଶାଶୁ ବୋହୂ ସାଙ୍ଗ ହୋଇ ଖାଉଛୁ, ମୋ ବାପା ମାଆ ଆଜି ଆସୁଛନ୍ତି ତ, ସେଥିପାଇଁ ମୋ ଶ୍ୱଶୁର ମାଛ, ମାଂସ, ରାନ୍ଧୁଛନ୍ତି' ଆପଣ ନିଶ୍ଚିତ କେବେ ଆସନ୍ତୁ, ମୋ ଶ୍ୱଶୁରଙ୍କ ହାତ ରନ୍ଧା ମାଂସ ଖାଇବେ ।

ଏହି କଥା ପଦଟିରେ ଦେଖନ୍ତୁ.. ଅନୁଭବ କରନ୍ତୁ ଆମ ସାରା ଦୁନିଆର ସାରା ସମାଜର ସୁଖ ଏଥିରେ ଦୃଶ୍ୟମାନ ହେଉଛି ।

କିନ୍ତୁ ଏପରି ସୁଖକୁ କେହି ଆପଣାର କରି ପାରୁ ନାହାନ୍ତି । ଈର୍ଷା, ହିଂସା, ତୋର ମୋର, ଏହି ଭାବନାରେ କଳି ଝଗଡାରେ ସମୟ ବିତୁଛି ସାରା ସମାଜରେ ଘରେ ଘରେ । ବେଳେବେଳେ ଦେଖା ଯାଉଚି ବୋହୂଟି ଶାଶୂ ଶ୍ୱଶ୍ୱରଙ୍କୁ ପର ଭାବୁଥିଲା ବେଳେ, ଅନେକ ଶାଶୂ ଶ୍ୱଶୁର ବୋହୂକୁ ପର ଝିଅ ବୋଲି ଭାବୁଛନ୍ତି । କାହାର କାହା ପ୍ରତି ଆତ୍ମୀୟତା ରହୁନି, କେହି କାହାକୁ ସହୃଦୟରୁ ନିଜର ବୋଲି ଅପଣାଇ ପାରୁନି ।

ତେଣୁ ପଣ୍ଡା ବାବୁଙ୍କ ଘର କ୍ଷେତ୍ରରେ ଏସବୁ ସମାଜ ପାଇଁ ଉଦାହରଣ ।

ଜାଣିଛନ୍ତି ସଂସାରକୁ ଆମେ ଆସିଛନ୍ତି ଦିନେ ଚାଲିଯିବା । କିନ୍ତୁ ସ୍ନେହ ମମତା ସମ୍ପର୍କକୁ ବୁଝୁ ନାହାନ୍ତି ଆମ ମଣିଷ ମାନେ ।

ସମାଜର ପ୍ରତି ପରିବାରରେ ସ୍ୱାମୀ ସ୍ତ୍ରୀ 'ଶାଶୁବୋହୂ','ଶ୍ୱଶୁର ଜ୍ୱାଇଁ' ''ଭାଇଭାଇ" ଜାଆଜାଆ' ସମୁଦି ସମୁଦୁଣୀ, ବନ୍ଧୁବାନ୍ଧବ ଏବଂ ମାନବୀୟ ସଂପର୍କର ମହାନତା ଯଦି ଆମର ଏହି ପଣ୍ଡା ବାବୁଙ୍କର ଆଦର୍ଶ ପରିବାରର ଭଳି ପ୍ରତି ମଣିଷ ଭିତରେ ଭାବନା ଜାଗ୍ରତ ହୁଅନ୍ତା, ତେବେ ହିଂସା, ଈର୍ଷାର, ପାରିବାରିକ କଳି ଝଗଡାରୁ ଉର୍ଦ୍ଧ୍ୱରେ ରହି ପରସ୍ପର ଭିତରେ ସ୍ନେହମମତା, ସମ୍ମାନ, କର୍ତ୍ତବ୍ୟବୋଧ, ଭଲ ପାଇବାର ଆପଣାର ପଣରେ ଜୀବନ ଅମୃତମୟ, ମଧୁମୟ ହୋଇ ଯାଆନ୍ତା ସତରେ...!!

ସେଦିନର ମୋର ଏ ଅନାବିଳ ପ୍ରେମପୂର୍ଣ୍ଣ ଅନୁଭବ ଅନୁଭିତିକ'ଣ ଭୁଲି ହେବ ଏ ଜୀବନ ସାରା....!!! ହୃଦୟରେ ସଯତ୍ନ ସଯତ୍ନରେ ସାଇତା ହୋଇ ରହିଥିବ ସ୍ମୃତି ହୋଇ ଚିରଦିନ ।। ସମସ୍ତେ ପଣ୍ଡା ବାବୁଙ୍କର ପରିବାରରୁ, ପାରିବାରିକ ଓ ସମାଜର ସମ୍ପର୍କର ମୂଲ୍ୟବୋଧକୁ ହୃଦୟଙ୍ଗମ କରିବା ନିହାତି ଦରକାର ।

+ଭୁବନେଶ୍ୱର
ମୋ: ୯୭୭୭୫୯୯୬୯୫

ଆମ ବିଚାର ଆମ ବ୍ୟକ୍ତିତ୍ୱ ଗଢିଥାଏ

ଶ୍ୱେତା ରାଉତ୍

ଆମେ କେମିତି ଜୀବନ ଚାହାନ୍ତି,ଆମ ବ୍ୟକ୍ତିତ୍ୱ କେମିତି ହେବା ଆବଶ୍ୟକ ତାହା କେବଳ ଆମ ନିଜ ଉପରେ ନିର୍ଭର କରେ ।ଆମେ ଯାହା ଦେଖନ୍ତି,ଶୁଣନ୍ତି,ବ୍ୟବହାର କରନ୍ତି ତାହା ହିଁ ଆମ ଭାଗ୍ୟ ହୋଇଥାଏ ।ଏବେ ପ୍ରତ୍ୟେକଙ୍କ ହାତରେ ଆପଣ ମୋବାଇଲ ଥିବାର ଦେଖୁଥିବେ । ମୋବାଇଲରୁ ଆମେ ଦିନସାରା ଅନେକ କିଛି ଦେଖନ୍ତି, ଶୁଣନ୍ତି, ଜାଣନ୍ତି ଏବଂ ଅନ୍ୟମାନଙ୍କୁ ସେୟାର କରନ୍ତି । ମୋବାଇଲରୁ ଆମେ ଶିକ୍ଷା, ସଂସ୍କାର ଗ୍ରହଣ କରନ୍ତି କି ଅବଗୁଣ ଗ୍ରହଣ କରନ୍ତି ତାହା ଆମ ବିଚାରକୁ ପ୍ରଭାବିତ କରେ । ଯେମିତି ଆମମାନଙ୍କ ଘରେ ବିଭିନ୍ନ ପ୍ରକାର ଖାଦ୍ୟ ରନ୍ଧା ହୋଇଥାଏ, କିନ୍ତୁ ସମସ୍ତେ ସବୁ ଖାଦ୍ୟ ଖାଇ ନଥାନ୍ତି, କାରଣ ଯାହାକୁ ଡାଇବେଟିକ୍ସ ସେ ଭାତ, ଆଳୁ, ଚିନି ଆଦି ଖାଆନ୍ତି ନାହିଁ, କିଏ ରାଗ ଖାଆନ୍ତି ନାହିଁ ତ କିଏ ଖଟା ଖାଆନ୍ତି ନାହିଁ, କାହାକୁ ରସୁଣ ଖାଇଲେ ଆଲାର୍ଜି, ତେଣୁ ସେ ରସୁଣ ଖାଆନ୍ତି ନାହିଁ, କିଏ ଆମିଷ ଖାଆନ୍ତି ନାହିଁ । ଆମେ ଆମ ସ୍ୱାସ୍ଥ୍ୟ ପ୍ରତି ଖୁବ୍ ଯତ୍ନଶୀଳ, ତେଣୁ ଦେଖି ଚାହିଁ ଖାଇଥାନ୍ତି, କିନ୍ତୁ ଆମ ବିଚାର ପ୍ରତି ଆମେ ସେତିକି ଯତ୍ନଶୀଳ ନୁହନ୍ତି, ତେଣୁ ଦୁନିଆଯାକର କଥାକୁ ମୁଣ୍ଡରେ ପୁରାଇ ବିଚାରକୁ ଗୋଳିଆ କରି ପକାନ୍ତି । ବିଚାରକୁ ମଧ୍ୟ ସୁଦ୍ଧତା ପସନ୍ଦ ଏବଂ ବିଚାର ସ୍ୱଚ୍ଛ ଓ ସୁନ୍ଦର ହେଲେ ହିଁ ଆମ ବ୍ୟକ୍ତିତ୍ୱ ସୁନ୍ଦର ହେବ ।

କୌଣସି ବି ସାମାଜିକ ଗଣ ମାଧ୍ୟମରୁ ହେଉ କି ମୋବାଇଲରୁ କିମ୍ବା ସାଙ୍ଗସାଥୀଙ୍କ ଗପସପରୁ ଆମେ କଣ ଶିଖୁଛେ, ଦେଖୁଛେ ଏବଂ ବ୍ୟବହାର କରୁଛେ, କେତେ ଜ୍ଞାନ ଆହରଣ କରୁଛେ ଓ କେତେ ଶୃଙ୍ଖଳିତ ରହି ପାରୁଛେ ତାହା ଧ୍ୟାନ ଦେବା ଜରୁରୀ । ମୋବାଇଲରେ ଦୀର୍ଘ ସମୟ ଧରି କାହା ବିଷୟରେ କଥା ହେଲେ ଆମକୁ କିଛି ଲାଭ ମିଳେନାହିଁ ବରଂ ଉଭୟ ଆଡୁ ସମୟର ଅପଚୟ ହୋଇଥାଏ ଓ ଯାହା ସମ୍ପର୍କରେ କଥା ହୁଅନ୍ତି, ତାଙ୍କ ପ୍ରତି ବିଚାର ବଦଳିଥାଏ ।ଅନ୍ୟ ସମ୍ପର୍କରେ ଅଯଥା ସମାଲୋଚନା କରିବା କଣ ଦରକାର ! ଏଥିରେ ଆମର ବିଚାର ପ୍ରଭାବିତ ହେବା ଛଡା ଆଉ କିଛି ଲାଭ ହୁଏନାହିଁ । ତେଣୁ ଆମେ ଯାହା ଦେଖିବା, ଶୁଣିବା, ଆଲୋଚନା କରିବା, ଆମ ବିଚାର ମଧ୍ୟ ତଦନୁସାରେ ପ୍ରଭାବିତ ହେବ ।

ସକାଳୁ ଆମେ ଯେଉଁ ଗୀତଟିଏ ଶୁଣିଥାନ୍ତି, ଦିନସାରା ଯେତେ କାମରେ ବ୍ୟସ୍ତ ରହିଲେ ବି ମନ ଭିତରେ ଗୁଣୁଗୁଣୁ ହୋଇ ସେଇ ଗୀତ ଚାଲିଥାଏ । ସକାଳୁ ଯଦି ଗୋଟେ ବିରକ୍ତିକର ଫୋନ୍ ଆସେ, ଦିନସାରା ସବୁ କଥାରେ ବିରକ୍ତଭାବ ରହିଥାଏ ଏବଂ ଆମେ କୁହନ୍ତି ଆଜି କାହା ମୁଁହ ଚାହିଁଥିଲି କେଜାଣି ଦିନଟା ବେକାର ଗଲା । ସ୍ୱଭାବତଃ ଆମେ ସମସ୍ତେ ଶାନ୍ତିପ୍ରିୟ, ତେଣୁ ସବୁବେଳେ ଆମେ ଶାନ୍ତି ଚାହାନ୍ତି । ତେବେ ଏ ଶାନ୍ତିକୁ ବଜାୟ ରଖିବାକୁ ହେଲେ ପ୍ରଥମେ ଆମ ବିଚାରର ଶୁଦ୍ଧତା ଜରୁରୀ । ବିଚାରକୁ ସକାରାତ୍ମକ ରଖିବାକୁ ହେଲେ ଭଲ ଦେଖିବା, ଶୁଣିବା, କହିବା ଏବଂ ବ୍ୟବହାର କରିବା ଜରୁରୀ । ଅନ୍ୟ ସମ୍ପର୍କରେ ଅଯଥା ଚର୍ଚ୍ଚା ନକରି ଜ୍ଞାନ ଉପରେ ଆଲୋଚନା କରିବା, ଅବଗୁଣ ସମ୍ବଳିତ କିଛି ନଦେଖି ବିଚାରକୁ ସନ୍ତୁଳିତ ଆହାର ଅର୍ଥାତ୍ ସୁସ୍ଥ, ସମୃଦ୍ଧ ଚିନ୍ତନ ଦେବା ଆମର ଦାୟିତ୍ୱ । ପ୍ରତ୍ୟେକ ସକାଳ ପରମାତ୍ମାଙ୍କ ପ୍ରତି ନିବେଦନଭାବ ରଖି କାର୍ଯ୍ୟ କଲେ ସାରା ଦିନ ଆନନ୍ଦମୟ ମନେହେବ ।

+ରାଉତ କମ୍ପ୍ଲେକ୍ସ,
କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

ଶ୍ରମିକର ରଙ୍ଗ

ସଫଳତା ପାଇଁ ଗାନ୍ଧୀ ନୀତି

ସୁନନ୍ଦା ମହାନ୍ତି

ସଫଳତା ପାଇଁ
ଧର୍ଯ୍ୟ ସାହାସ ଶକ୍ତି
ହେଉ ପରାଧିନତାରୁ ମୁକ୍ତି
ଅବା ଲକ୍ଷ ପୁରଣ ସ୍ଥିତି
ପାଇବାକୁ ଜୀବନ
ଜୀବିକା ବୃତ୍ତି
ଭରିବାକୁ ସୁଖ ସମୃଦ୍ଧି ଏ ଜାତି
ଲଭିବାକୁ ଶାନ୍ତି ସଂହତି ପ୍ରଶାନ୍ତି
ଦେଖିବାକୁ ଜହ୍ନର ଅବସ୍ଥିତି
ଭୋଗିବାକୁ ପ୍ରେରଣାର
ଇତିବୃତ୍ତି
ଲେଖିବାକୁ କବିତାର
ଶେଷ ପଙ୍କ୍ତି
ଚନ୍ଦ୍ର ସୂର୍ଯ୍ୟ ଓ ପୃଥିବୀ ପରି
ସତ୍ୟର ପରିସ୍ଥିତି
ସ୍ଥିତପ୍ରଜ୍ଞ ବୁଦ୍ଧି ବିବେକ
ଜ୍ଞାନ ବଳ କଳ ପରିଣତି
ନଝୁଣ୍ଟି ଖୁଣ୍ଟିନାଣ୍ଟି ଆବେଗ ଓ ଭୀତି
ଆରମ୍ଭର ଅଛି ନିଶ୍ଚୟ ଶେଷ ଇତି
ମଣିଷ ମାନବତା
ଗୁଣ ଅନ୍ୟକୁ ଦେଇ ପ୍ରୀତି
ସମ୍ଭାଳି ସମ୍ପର୍କ ସେତୁର ମଧୁର ପ୍ରକୃତି
ନୀରବତା ରଖି ଭାବନା
ସମ୍ପ୍ରସାରଣ ଗତି
ମେଧା ଗରିମାର କରି ପୁନରାବୃତ୍ତି
ସଫଳତା ପାଇଁ ମନୋବଳ
ଆଉ ଐଶ୍ୱର୍ଗିକ ଭକ୍ତି
ସଫଳତା ଛାଡି ଯିବନି ଥିବ
ନିଶ୍ଚେ ଆମ କତି
ଶେଷ ଅସ୍ତ୍ର ଗାନ୍ଧୀଙ୍କ ଅଂହିସା ନୀତି
ତାଠୁ ଅଧିକା ସଫଳତା ପାଇଁ ଅସ୍ତ୍ର ନାହିଁ ସମ୍ପ୍ରତି ।

+ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫

ଆଜିର କବିତା

ଶକ୍ତିରୂପେଣ ସଂସ୍ଥିତା

ରନ୍ତିକାନ୍ତି ମିଶ୍ର

କୁରୁସଭାରେ ଅନାବରଣ ହୁଏ
ନାରୀତ୍ୱର ସ୍ୱାଭିମାନ
ଲାଂଛିତା କୁଳବଧୁର
ଅବାଂଛିତ ସେ ଶାସ୍ତି ,
ମହାମନିଷୀ ମାନଙ୍କର ନିର୍ମମ ସ୍ଥାଣୁତା
ଲଜ୍ଜାରେ ଜର୍ଜରିତ ଆତ୍ମା
ତଥାପି,ଅଙ୍ଗୀକାରବଦ୍ଧତାର ଦ୍ୱାହିରେ
ବିବେକର ଅନ୍ଧତ୍ୱ ପ୍ରାପ୍ତି

ଅଧୁନା ବି ବ୍ୟାଖ୍ୟାୟିତ ହୁଏ
ମହାମହିମ ମାନଙ୍କ ଗାଥା
ପ୍ରଚାର ହୁଏ ଧର୍ମସୁରକ୍ଷାକାରୀ
ପ୍ରବଞ୍ଚକମାନଙ୍କ ବାର୍ତ୍ତା,
କେଜାଣି, ଗଣତନ୍ତ୍ରକୁ ହୁଏତ ଅଜ୍ଞାତ
ପଦ ଓ କ୍ଷମତାର ସାମ୍ରାଜ୍ୟରେ
ଅବସ୍ଥାପିତ ଏବେ
ଛଦ୍ମବେଶୀମାନଙ୍କର ନିଦାରୁଣ ଅନୈତିକତା

ନିର୍ଲଜଙ୍କ ଅଟ୍ଟହାସ୍ୟରେ
ଝାଉଁଳିଯାଏ କାହାର ବୁକୁଫଟା ଆର୍ତ୍ତନାଦ
କାପୁରୁଷମାନଙ୍କ କାମନା ଅଗ୍ନିରେ ଦୃଶ୍ୟ
ଦିଗଭ୍ରଷ୍ଟ ମାନବିକତା ,
ଦେଶର କୋଣେ ଅନୁକୋଣେ
ପ୍ରତିଧ୍ୱନିତ ଏବେ
ନିର୍ଯାତିତାମାନଙ୍କର
କୋହଭରା କରୁଣ କାହାଣୀ,
ରାକ୍ଷାସମାନଙ୍କ ଅହମିକାରେ
ଭୀତତ୍ରସ୍ତ ଆଜି ଏ ସମାଜ
କାମ କ୍ରୋଧ ହିଂସା ଅହମିକା ବିନାଶାର୍ଥେ
ନାରୀର ଶକ୍ତିମୟୀ ରୂପ ଦର୍ଶନାର୍ଥେ
ଦେବୀ ସ୍ତୁତିରେ ନିମଗ୍ନା ଆଜି ଏ ଧରଣୀ...!!!

+ ଆଳି, କେନ୍ଦ୍ରାପଡା

ଫସଲବୀମା ନମିଳିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ : ସି.ପି.ଆଇ.(ଏମ୍)

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ପଶ୍ଚିମ ଓଡିଶାର ବରଗଡ, ପଦ୍ମପୁର ଆଦି ଅଂଚଳରେ ଚାଷୀମାନେ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇ ଆସୁଥିଲେ ସୁଦ୍ଧା ସରକାରଙ୍କ ନିଦ ଭାଙ୍ଗୁ ନଥିଲା । ଏବେ ପଦ୍ମପୁର ଉପନିର୍ବାଚନ ଦୃଷ୍ଟିରୁ ବିଜେଡି ଓ ବିଜେଡି ଉଭୟେ ପରସ୍ପରକୁ ଦାୟୀ କରି ଚାଷୀମାନଙ୍କୁ ଭଣ୍ଡାଇବାକୁ ଉଦ୍ୟମ କରୁଛନ୍ତି । ଫସଲ ବୀମା ରାଶି ଚାଷୀଙ୍କୁ ନ ମିଳିବା ପାଇଁ ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାର ଦୋଷୀ । ନିକଟରେ ଏକ ତଥ୍ୟ ପ୍ରକାଶ ପାଇଛି ଯେ ବିନା ପୁଞ୍ଜି ବିନିଯୋଗରେ ଏହି କମ୍ପାନୀମାନେ ୪୦୦୦୦ କୋଟି ଟଙ୍କା ହଡପ କରିଛନ୍ତି । ଓଡିଶା ସମେତ କୌଣସି ରାଜ୍ୟରେ ଚାଷୀ ଏହାର କୌଣସି ସୁବିଧା ପାଉନାହାଁନ୍ତି । ଏହାର ପରିଣାମ ସ୍ୱରୁପ ବିଜେପି ଶାସିତ ଗୁଜୁରାଟ ସମେତ ୧୦ ରୁ ଉର୍ଦ୍ଧ୍ୱ ରାଜ୍ୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ହୋଇଥିବା ଚୁକ୍ତିରୁ ଓହରିବା ଆରମ୍ଭ କରିଛନ୍ତି ସି.ପି.ଆଇ.(ଏମ୍) ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଅଭିଯୋଗ କରିଛନ୍ତି ।

କେନ୍ଦ୍ର ସରକାର ସ୍ଥିର କରିଥିବା ହାତ ଗଣତି କିଛି କମ୍ପାନୀ ମଧ୍ୟରୁ ଘରୋଇ ବୀମା କମ୍ପାନୀମାନଙ୍କୁ ଓଡିଶାରୁ ହଟାଇବା ସହ ଖିଲାପି କମ୍ପାନୀ ଗୁଡିକ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସି.ପି.ଆଇ.(ଏମ୍) ପକ୍ଷରୁ ଦାବୀ କରାଯାଇଛି । କିନ୍ତୁ ଓଡିଶାରେ ଘରୋଇ ବୀମା କମ୍ପାନୀର ବ୍ୟବସାୟ ଚାଲୁ ରହିଛି । ଓଡିଶାର ଚାଷୀ ବହୁଳ ଅଞ୍ଚଳ ପଦ୍ମପୁର ସମେତ ସମଗ୍ର ରାଜ୍ୟରେ କ୍ଷତିଗ୍ରସ୍ତ ଚାଷୀମାନେ ବୀମା ରାଶି ପାଉନାହାଁନ୍ତି । ରାଜ୍ୟ ସରକାରଙ୍କ ଟେକନିକାଲ ଟିମ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେଲା ପରେ ବୀମା କମ୍ପାନୀ ଚାଷୀଙ୍କୁ ଏହି ବୀମା ରାଶି ପୈଠ କରିବା ପାଇଁ ନିୟମ ରହିଛି ।

ଏହା ସହିତ ସମସ୍ତ ଚାଷୀମାନଙ୍କ ନିକଟରୁ କୁଇଂଟାଲ ପ୍ରତି ୩୦୦୦ଟଙ୍କା ଦରରେ ସବୁ ଧାନ କ୍ରୟ କରିବାକୁ ସି.ପି.ଆଇ.(ଏମ୍) ପକ୍ଷରୁ ଦାବୀ କରାଯାଇଛି । ରାଜ୍ୟ ସରକାର ସ୍ୱାମୀନାଥନ କମିଶନ ସୁପାରିଶ ଅନୁଯାୟୀ ପ୍ରତି ବର୍ଷ ଉତ୍ପାଦନ ଖର୍ଚ୍ଚର ଅର୍ଦ୍ଧେକ ଖର୍ଚ୍ଚ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟକୁ ସମର୍ଥନ କରୁଥିବା କହୁଥିଲେ ହେଁ ରାଜ୍ୟରେ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ପଦକ୍ଷେପ ନେଉନାହାଁନ୍ତି । ଓଡିଶା ସରକାର ଟଙ୍କାଟିଏ ମଧ୍ୟ ବୋନସ୍ ଦେଉନାହାଁନ୍ତି । ରାଜ୍ୟ ସରକାର ସଂଗ୍ରହ ମୂଲ୍ୟ ଉପରେ ରାଜ୍ୟ ଖାଉଟି ଓ ଯୋଗାଣ କର୍ପୋରେସନ୍ ପାଉଥିବା କମିଶନ ଛାଡ କରି ଦେଇ ସେହି ଅର୍ଥ ସିଧାସଳଖ ଅନ୍ତତଃ ଚାଷୀମାନଙ୍କୁ ପ୍ରଦାନ କଲେ ଚାଷୀମାନେ କିଛିଟା ଉପକୃତ ହୁଅନ୍ତେ । ଏହା ସହିତ ଚାଷୀମାନଙ୍କ ମଧ୍ୟରେ ଟୋକନ ବଂଟା ହେଲା ପରେ ମଧ୍ୟ ଧାନ ସଂଗ୍ରହ ହେଉନାହିଁ । ଫଳରେ ଚାଷୀ ଅଭାବୀ ଦରରେ ଧନ ବିକ୍ରୀ କରିବାକୁ ବାଧ ହେଉଛି । ଏପରି ଶହ ଶହ କୋଟି ଟଙ୍କାର ଦୁର୍ନିତୀ ସ୍ପଷ୍ଟ ଦିବାଲୋକରେ ଚାଲିଛି ।

ପଶୁପାଳନକାରୀଙ୍କ ଭାଗ୍ୟ ବଦଳାଇବ ଆଜୋଲା, ବଢିବ ଚାଷୀଙ୍କ ଆୟ

ମାଲକାନଗିରି, ୨୩/୧୧ (ନି.ପ୍ର): ପଶୁପାଳନ କ୍ଷେତ୍ରରେ ଚାଷୀ ଅତ୍ୟଧିକ ଖର୍ଚ୍ଚାନ୍ତ ହୋଇ ଲାଭାଂଶ କମିଯାଉଥିବାରୁ ଲୋକେ ଧିରେଧିରେ ଏହି ଚାଷରୁ ନିବୃତ ହେବାରେ ଲାଗିଲେଣି । ମୁଖ୍ୟତଃ ପଶୁଙ୍କ ଖାଦ୍ୟ ଓ ଦାନା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଆୟ କମି ଯାଉଥିବାରୁ ଏଭଳି ସ୍ଥିତି ଉପୁଜୁଥିବା କୁହାଯାଉଛି । ତେବେ ଗ୍ରାମାଚଂଳରେ ପଶୁପାଳକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଓଡିଶା ଜୀବିକା ମିଶନ ପକ୍ଷରୁ ଆଜୋଲା ନାମକ ଏକ ଶୈବାଳ ପ୍ରତ୍ୟକ ଚାଷୀଙ୍କ ଘରେ ଚାଷ କରାଯାଇ ଗାଇ ଓ ଛେଳିର ଖାଦ୍ୟ ଆବଶ୍ୟକତାକୁ ପୂରଣ କରାଯାଉଛି । ଏଥିପାଇଁ ଆଜୋଲା ନାମକ ଶୈବାଳ ଚାରାକୁ ଘରେ ଏକ ଛୋଟ କୁଣ୍ଡ କରି ଚାଷ କରାଯାଉଥିବା ବେଳେ ପ୍ରତ୍ୟକ ସପ୍ତାହରେ ଏହା ଗୋଟିଏ ଥର ଅମଳ କରାଯାଇଥାଏ । ଆଜୋଲା ଉତ୍ପାଦନରେ କୌଣଷି ସାର କିମ୍ବା ଔଷଧ ବ୍ୟବହାର କରାଯାଉ ନଥିବା କୁହାଯାଇଛି । ଅନ୍ୟପଟେ ପଡିଆ ଗ୍ରାମସ୍ଥିତ ଗୀତାଞ୍ଜଳି ତୁରୁକ ନାମକ ଜଣେ ମହିଳାଙ୍କ ଘରେ ୫ ଟି ଗାଇ ରହିଥିବା ବେଳେ ସେଥିମଧ୍ୟରୁ ଦୁଇଟି ଦୁଧଆଳୀ ଗାଇ ଗତ କିଛି ସପ୍ତାହ ଧରି ପ୍ରତ୍ୟକ ଦୈନିକ ଏକ ଲିଟର କ୍ଷୀର ଦେଉଥିଲେ । ଗତ କିଛିଦିନ ଧରି ଏହି ଗାଇଙ୍କ ଖାଦ୍ୟରେ ଆଜୋଲା ମିଶାଇ ଖାଇବାକୁ ଦିଆଯିବା ପରେ ଏବେ କିଛିଦିନ ହେବ ପ୍ରତ୍ୟକ ଗାଇ ପ୍ରାୟ ୨ ଲିଟର ଦୁଗ୍ଧ ଦେଉଥିବା ଗୀତାଞ୍ଜଳି କହିଛନ୍ତି । ଏଥିସହ ଦୀର୍ଘ ମାସ ଧରି ଅସୁସ୍ଥ ରହୁଥିବା ବାଛୁରୀ ଏହି ଖାଦ୍ୟ ଗ୍ରହଣ ପରେ ଏବେ କିଛି ଦିନ ମଧ୍ୟରେ ଅଚାନକ ଗାଇର ଶାରୀରିକ ବିକାଶ ହୋଇଥିବା ସେ କହିଛନ୍ତି । ଏଭଳି ଆଜୋଲା ବ୍ୟବହାର ଯୋଗୁଁ ଗୋ ଦାନା କିଣିବାକୁ ପଡୁନଥିବା ବେଳେ ଏହା ଅତ୍ୟନ୍ତ କମ୍ ଖର୍ଚ୍ଚରେ ହୋଇଥିବା ବେଳେ ଆୟକୁ ଦୁଇଗୁଣ କରିଥିବା କହିଛନ୍ତି । ଏଥିସହ ଏଭଳି ଚାଷ ଲୋକଙ୍କ ଗାଇ ଓ ଛେଳିଙ୍କ ଖାଦ୍ୟ ଦାନାର ବିକଳ୍ପ ପାଲଟିଥିବା ବେଳେ ଆଗାମୀ ଦିନରେ ଏହାକୁ କୁକୁଡ଼ା ଓ ଚାଷଜମିରେ ମଧ୍ୟ ବ୍ୟବହାର କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ପଡିଆ ବିପିଏମ ଅନୁପ କୁମାର ମିଶ୍ର କହିଛନ୍ତି । ଗ୍ରାମାଚଂଳରେ ପଶୁପାଳକ ମାନେ ଉପଯୁକ୍ତ ଖାଦ୍ୟ ଯୋଗାଇବାରେ ବିଫଳ ହେଉଥିବାରୁ ଓଡିଶା ଜୀବିକା ମିଶନ ପକ୍ଷରୁ ସ୍ଥାନୀୟ ଅଂଚଳରେ ଆଜୋଲା ବ୍ୟବହାରକୁ ଗୁରୁତ୍ୱ ଦେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଦେଖିବାକୁ ବାକି ରହିଲା ଆଗାମୀ ଦିନରେ ଏହି ଚାଷ ପଶୁପାଳନକାରୀଙ୍କ ଜୀବନରେ କିଭଳି ପରିବର୍ତନ ଆଣି ପାରୁଛି ।

ଖାଉଟିଙ୍କୁ ଗହମ ଯୋଗାଣ ଦାବିରେ ବିଜେପିର ବିକ୍ଷୋଭ

ପୁରୀ, ୨୩/୧୧ (ନି.ପ୍ର): ପୁରୀ ବିଜେପି ପକ୍ଷରୁ ଖାଉଟିମାନଙ୍କୁ ଗହମ ଯୋଗାଇ ଦେବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ବିଜେପି କର୍ମୀମାନେ ଟାଉନହଲ ଛକରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଖାଉଟିମାନେ ଫେବୃଆରୀ ମାସରୁ ତାଙ୍କ ରେସନ କାର୍ଡ଼ରେ ଗହମ ପାଇ ପାରୁନାହାନ୍ତି । କେନ୍ଦ୍ର ଗହମ ଯୋଗାଉଥିଲେ ମଧ୍ୟ ରାଜ୍ୟ ସରକାର ସେହି ଗହମକୁ ସୁବଂଟନ କରିପାରୁନଥିବା ଅଭିଯୋଗ କରିଛନ୍ତି । ଖାଉଟିମାନଙ୍କୁ ଶୀଘ୍ର ଗହମ ଯୋଗାଇ ନଦେଲେ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି ବିଜେପି ପକ୍ଷରୁ ଚେତାବନି ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ,ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଯୁବନେତ୍ରୀ ସୌମ୍ୟା ମିଶ୍ର ,ଧୀରେନ ରାୟ,ରବି ଦାଶ,ସଂଗ୍ରାମ ସାହୁ ଓ ଅନ୍ୟମାନେ ଅଂଶ ଗ୍ରହଣ କରିଥିଲେ ।

ଭୁବନ ଏନଏସିର ତୃତୀୟ ସାଧାରଣ ବୈଠକ ଅନୁଷ୍ଠିତ

ଭୁବନ, ୨୩/୧୧ (ନି.ପ୍ର): ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଆଜି(ମଙ୍ଗଳବାର) ତୃତୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ନଗରପାଳ ଶୁଭେନ୍ଦୁ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ ପୂର୍ବ ବିବରଣୀ ପାଠକରି କାଉନସିଲରଙ୍କ ସହମତିରେ ପୂର୍ବ ବୈଠକକୁ ଦୃଢୀକରଣ କରିଥିଲେ । ବୈଠକ ପ୍ରାରମ୍ଭରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଉନ୍ନୟନ ମୂଳକ କାର୍ଯ୍ୟରେ କୌଣସି ବିରୋଧ ନକରି ସହଯୋଗ କରିବାକୁ ବିରୋଧି ଦଳ କାଉନସିଲରମାନଙ୍କୁ ପରାମର୍ଶ ଦେଇଥିଲେ । ଜନଗହଳିପୂର୍ଣ୍ଣ ଅଂଚଳ ଗୁଜୁରୀହାଟରୁ ଦେଶୀ ମଦ କାଉଂଟର ଥିବାରୁ ସେଠାରେ ମଦ୍ୟପ ଓ ଅସାମାଜିକ ବ୍ୟକ୍ତିଙ୍କ ଭିଡ଼ ଜମୁଛି, ଅବିଳମ୍ବେ ଏହାକୁ ଉଚ୍ଛେଦ କରିବା, ସ୍ୱଚ୍ଛଭାରତ ୟୁଜର୍ସ ଫି ଆଦାୟ ବନ୍ଦ କରିବା, ଦୈନିକ ପରିବା ମାର୍କେଟ ନିଲାମ ନେଇଥିବା ବ୍ୟକ୍ତି ଗାଁଭିତର ବୁଲାବିକାଳି ଓ ଠେଲାଗାଡିରୁ ମାହାସୁଲ ଆଦାୟ ନକରିବାକୁ ୬ ନମ୍ବର ୱାର୍ଡ କାଉନସିଲର ସୁଶାନ୍ତ କୁମାର ନାୟକ ଦାବି କରିଥିଲେ । ୫୩ ନମ୍ବର ଜାତୀୟ ରାଜପଥର ନୀଳମାଧବ ପେଟ୍ରୋଲ ପମ୍ପ ନିକଟସ୍ଥ ବାଇପାସ ଛକ ଓ ଭୁବନ ଥାନା ଛକ ସଂପୂର୍ଣ୍ଣ ଅନ୍ଧକାର ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି, ସେଠାରେ ହାଇମାକ୍ସ ଲାଇଟ ଲଗାଯିବା, ଏନଏସି ଷ୍ଟଲ ଭଡା ନେଇ ତାଲା ପକାଇ ରଖିଥିବା ବ୍ୟକ୍ତିଙ୍କ ଚୁକ୍ତି ବାତିଲ କରିବା, ନୂଆବଜାର ଦକ୍ଷିଣ ପାର୍ଶ୍ୱରେ ଷ୍ଟଲଭଡା ବୃଦ୍ଧିକରିବା ଓ ମାସିକ ଭଡା ବାକି ରଖିଥିବା ଦୋକାନୀଙ୍କୁ ତୁରନ୍ତ ଉଚ୍ଛେଦ କରିବା ଏବଂ ଡିଜେ ସଂପୂର୍ଣ୍ଣ ବନ୍ଦ କରିବାକୁ ୯ ନମ୍ବର ୱାର୍ଡ କାଉନସିଲର ପପୁ କୁମାର ସାହୁ ଦାବି କରିଥିଲେ । ଭୁବନ ସହରର ବିକାଶ ନିମନ୍ତେ ଆଗାମୀ ୨୦ ବର୍ଷ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା, ଡ୍ରେନେଜ ସମସ୍ୟାର ସମାଧାନ କରିବା, ଏନଏସି ପରିସର ମଧ୍ୟରେ ପ୍ରତ୍ୟେକ ଶୋଭାଯାତ୍ରାରେ ଡି.ଜେ ସାଉଣ୍ଡବ୍ୟାନ କରାଯିବା ସଂପର୍କରେ ଆଲୋଚନା ହୋଇଥିଲା । ଆଜିର ବୈଠକରେ ଉପନଗରପାଳ ଶ୍ରୀମତୀ ମାନିନୀ ସାହୁଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ । ଶେଷରେ କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଲୋୟର ଶୁକତେଲ ପ୍ରକଳ୍ପ ଉଚବାହାଲ ଗ୍ରାମରେ ଜନ ଶୁଣାଣୀ ଶିବିର

ବଲାଙ୍ଗିର, ୨୩/୧୧ (ନି.ପ୍ର): ଲୋୟର ଶୁକତେଲ ପ୍ରକଳ୍ପରେ ବିସ୍ଥାପିତ ହେବାକୁ ଯାଉଥିବା ଉଚବାହାଲ ଗ୍ରାମର ବାସିନ୍ଦା ମାନଙ୍କୁ ନେଇ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲାପାଳ ଟଂଚଲ୍ ରାଣା, ଆରକ୍ଷୀ ଅଧିକ୍ଷକ ନୀତିନ୍ କୁଶଳକର, ସବ୍ କଲେକ୍ଟର କୁମାର ନାଗଭୂଷଣ, ବି ଡି ଓ, ତହସିଲଦାର, ଏସ୍ ଡି ପି ଓ, ସଦର ଥାନା ଅଧିକାରୀ, ସମିତି ସଭ୍ୟ, ସରପଂଚ ସମେତ ଉଚ ବାହାଲ ଗ୍ରାମବାସୀ ଓ ଅନ୍ୟମାନେ ଉପସ୍ଥିତ ରହିବା ସହିତ ସମସ୍ୟା ଓ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସଭାରେ ନିଷ୍ପତି

ଏମ.ଭି-୭୯ ଡ଼ଃ ଶ୍ୟାମପ୍ରସାଦ ଡିଗ୍ରୀ କଲେଜରେ ଓଡିଆ ସାହିତ୍ୟ ପାଠଚକ୍ର

ମାଲକାନଗିରି, ୨୩/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ତାଣ୍ଡବାଇ ପଂଚାୟତରେ ଥିବା ଡଃ. ଶ୍ୟାମପ୍ରସାଦ ଡିଗ୍ରୀ କଲେଜରେ ଓଡିଆ ବିଭାଗ ତରଫରୁ ଆଜି ଓଡିଆ ସାହିତ୍ୟ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଲକାନଗିରି କଲେଜର ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ତପନ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କଲେଜର ଅଧ୍ୟକ୍ଷା ଶ୍ରୀମତୀ ପ୍ରବାସିନୀ ମହାପାତ୍ର ସଭାପତିତ୍ୱ କରିଥିଲେ । ପାଠଚକ୍ରର ବିଷୟ ଥିଲା ଓଡିଆ ସାହିତ୍ୟର ଇତିହାସରେ ପ୍ରାଚୀନତାରୁ ଆଧୁନିକତା । ଏହି ପାଠଚକ୍ରରେ ପ୍ରଥମ ବର୍ଷର ଛାତ୍ର ଛାତ୍ରୀ ତଥା ସୁମନ, ଜୟନ୍ତ, ପିଙ୍କି, ଦିତୀୟ ବର୍ଷର ଛାତ୍ର ଛାତ୍ରୀ ସସ୍ମିତା, ଅଙ୍କିତା, ଶିଖା, ତୃତୀୟ ବର୍ଷର ଛାତ୍ର ଛାତ୍ରୀ ବିନୟ ଓ ଉତମ ନିଜ ନିଜର ବିଷୟ ଉପସ୍ଥାପନା କରିଥିଲେ । ଅଧକ୍ଷା ଶ୍ରୀମତୀ ମହାପାତ୍ର ଓଡିଆ ଭାଷା ସାହିତ୍ୟର ସୁନ୍ଦରତା ସହିତ ପାଠଚକ୍ରର ଗୁରୁତ୍ୱ ସମ୍ମାନରେ କଣ ରହିଛି ତାହା ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ଥିଲେ । ମୁଖ୍ୟ ଅତିଥି ଶ୍ରୀ ବେହେରା ପାଠଚକ୍ରର ମୁଖ୍ୟ ବିଷୟ ଉପରେ ଗୁରୁତ୍ୱାରୂପ କରି ସହଜ ଓ ସରଳତାର ସହିତ ପିଲାମାନଙ୍କୁ ଉଦବୋଧନ ଦେଇଥିଲେ । ଏଥିରେ କଲେଜର ସମସ୍ତ ବିଭାଗର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ତତ ସହିତ କଲେଜର ଇତିହାସ ବିଭାଗର ଅଧ୍ୟାପକ ତାରିଣୀ ଚରଣ ମହାନ୍ତି, ପି.ଇ.ଟି. ଅମିୟ ସରକାର, ଲାଇବ୍ରେରୀ ଆସିଷ୍ଟାଣ୍ଟ ସନ୍ତୋଷ କୁମାର ପାତ୍ର, ଶିବୁ ଦତ, ବ୍ରଜେନ ମିର୍ଧା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପାଠଚକ୍ରରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଶେଷରେ ଶିକ୍ଷା ବିଭାଗର ଡେମୋନଷ୍ଟେଟର ଲକ୍ଷ୍ମୀ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

କୋରୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୋଚନୀୟ ଅବସ୍ଥା

କେନ୍ଦ୍ରାପଡ଼ା, ୨୩/୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ପଂଚାୟତରେ ଥିବା କୋରୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅସୁରକ୍ଷିତ ଅବସ୍ଥାରେ ଥିବା ସରପଂଚ ପୂର୍ଣ୍ଣିମା ସେଠୀଙ୍କ ସମେତ ସ୍ଥାନୀୟ ଗ୍ରାମାବସୀ ମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । କୋରୁଆ ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ପ୍ରାୟ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହି ବିଦ୍ୟାଳୟଟି ବାତ୍ୟା ଆଶ୍ରୟ ସ୍ଥଳୀରେ ଚାଲୁ ରହିଛି । ଏହା ସଂପୂର୍ଣ୍ଣ ଅସୁରକ୍ଷିତ ଥିବାବେଳେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଏହାର ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଗ୍ରାମବାସୀ ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଶ୍ରେଣୀଗୃହ ଅଭାବ ଥିବାବେଳେ ଏହି ସ୍କୁଲରେ ୮ଟି ଶ୍ରେଣୀ ପଇଁ ୪ ଜଣ ଶିକ୍ଷୟିତ୍ରୀ ଓ ୨ଟି ଶ୍ରେଣୀଗୃହ ଅଛି । ପିଲାମାନେ ବାଧହୋଇ ଅସୁରକ୍ଷିତ ବାତ୍ୟା ଆଶ୍ରୟ ସ୍ଥଳୀରେ ପାଠ ପଢୁଛନ୍ତି । ତୁରନ୍ତ ଏହି ବାତ୍ୟା ଆଶ୍ରୟ ସ୍ଥଳୀକୁ ଭଙ୍ଗାଯାଇ ସ୍କୁଲର ନୂତନ ଶ୍ରେଣୀଗୃହ ନିର୍ମାଣ କରିବା ପାଇଁ ଆରତୀ ସାହୁ, ଉଷାରାଣୀ ସାହୁ, ରେଖା ମଲିକ, ଦମୟନ୍ତୀ ଦାସ, ସରୋଜିନୀ ଲେଙ୍କା, ତ୍ରିଲୋଚନ ସାହୁ, ନନ୍ଦ କିଶୋର ସେଠୀ, ବସନ୍ତ କୁମାର ସାହୁ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଏନସିସି ସପ୍ତାହ ଉଦ୍‌ଘାଟନ ଉତ୍ସବ

ଜୟପୁର, ୨୩/୧୧ (ନି.ପ୍ର): ଜୟପୁର ବିକ୍ରମ ଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଏନସିସି ସପ୍ତାହର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି ମୁଖ୍ୟ ଅତିଥିରୁପେ ଯୋଗଦେଇ ଏନସିସି ପତକା ଉତୋଳନ କରିଥିଲେ । ବିଡିଜି କମୋଡର ସୋମେନ ବେନାର୍ଜି ସମ୍ମାନିତ ଅତିଥି ରୁପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଲେଫଲାଣ୍ଟ ଜେନେରାଲ ନାରାୟଣ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏନସିସି କ୍ୟାଡେଟ ମାନଙ୍କୁ ଏନସିସିର ମହତ୍ୱ ତଥା ରାଷ୍ଟ୍ର ପ୍ରଗତିର ଏନସିସି କ୍ୟାଡେଟ ମାନଙ୍କୁ ଉତ୍ସାହିତ କରିଥିଲେ । କଲେଜ ଅଧକ୍ଷ ଗୋପାଳ ହାଲଦାର ସଭାପତିତ୍ୱ କରିଥିଲେ । କର୍ଣ୍ଣଲ ନବିନ ପରାସର ଯୋଗଦେଇ ଏନସିସିର ଉନ୍ନତି ପାଇଁ ମାର୍ଗ ଦର୍ଶନ କରିଥିଲେ ।

ଏହି ଉତ୍ସବରେ ପୂର୍ବତନ ଏମଓ ବିନୋଦିନି ସାନ୍ତ୍ରାପାତ୍ର, ରାମ ଗୋପାଳ ଦଣ୍ଡସେନା, ନିଳ ମାଧବ ମିଶ୍ର, ମହମ୍ମଦ ସରିଫଙ୍କୁ ସମ୍ମାନିତ କରାଯାଇଥିଲା । ଏନସିସିର ଏସଡି/ଏସଡବ୍ଲୁ/ ଜେଡି କ୍ୟାଡେଡ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବା ସହ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିକ୍ରମ ଦେବ କଲେଜର ଏମଓ ଲକ୍ଷ୍ମଣ ପାତ୍ର, ଏସଡବ୍ଲୁ ସିଟିଓ ସନ୍ତୋଷିନି ମୁଣ୍ଡା କାଯ୍ୟକ୍ରମ ପରିଚାଳନା କରିଥିଲେ । ଏନସିସିର ଆଲୁମନି ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ନିର୍ବାଚିତ ପ୍ରତିନିଧିଙ୍କ ଇଚ୍ଛାଶକ୍ତି ଅଭାବରୁ ବାଧା ପାଉଛି ଜିଲ୍ଲାର ବିକାଶ-ବିଜେପି

କେନ୍ଦ୍ରାପଡ଼ା, ୨୩/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ନିର୍ବାଚିତ ଜନ ପ୍ରତିନିଧିଙ୍କ ଇଚ୍ଛାଶକ୍ତି ଅଭାବରୁ ଜିଲ୍ଲାର ବିକାଶ ବାଧା ପାଉଛି । ମାନ୍ୟବର ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡା ଜିଲ୍ଲାର ବିକାଶ କାର୍ଯ୍ୟ ନିଜେ ଦେଖିବେ ବୋଲି ସର୍ବ ସାଧାରଣରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାଙ୍କ ଦଳର ନିର୍ବାଚିତ ପ୍ରତିନିଧି ମାନଙ୍କ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଥିବାରୁ ଜିଲ୍ଲାର ପର୍ଯ୍ୟାପ୍ତ ବିକାଶ ହୋଇପାରୁ ନାହିଁ । କୃଷିକ୍ଷେତ୍ର , ଶ୍ରମିକ ଓ ଶ୍ରମ ନୀତି, ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତିକରଣ ପରିଚାଳନା ଆଦି ଦିଗରେ ପ୍ରସ୍ତୁତ କରାଯାଉ ଥରବା ଯୋଜନା ଗୁଡିକ ଶୀତଳ ଭଣ୍ଡାରରେ ପଡି ରହୁଛି । ଜିଲ୍ଲାର ୫ଟି ନିର୍ବାଚନ ମଣ

ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ବିଶ୍ୱବିଦ୍ୟାଳୟ ସ୍ତରୀୟ ପୁରୁଷ ବିଭାଗ ବ୍ୟାଡମିଣ୍ଟନ ଚମ୍ପିୟାନ

ବାରିପଦା,୨୩/୧୧ (ନି.ପ୍ର): ଏଲ.କେ. କଲେଜ, ବାଙ୍ଗିରିପୋଷିଠାରେ ସମାପ୍ତ ହୋଇଥିବା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପୁରୁଷ ବିଭାଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ - ୨୦୨୨-୨୩ରେ ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ, ବାରିପଦା ମହାବିଦ୍ୟାଳୟକୁ ୩-୦ ସେଟ୍‌ରେ ପରାସ୍ତ କରି ଚମ୍ପିୟାନ ହୋଇଅଛି । ସେମିଫାଇନାଲ ମ୍ୟାଚରେ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୩-୦ ସେଟ୍‌ରେ ପରାସ୍ତ କରିଥିଲା ଏବଂ କ୍ୱାଟର ଫାଇନାଲରେ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ୩-୦ ସେଟ୍‌ରେ ପରାସ୍ତ କରିଥିଲା । ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଖେଳାଳି ପ୍ରିୟବ୍ରତ ନାୟକ ଫାଇନାଲ ଖେଳରେ ମେନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ କ୍ୟାପ ପାଇଥିଲେ । ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ତରଫରୁ ସମସ୍ତ ମ୍ୟାଚ ଗୁଡିକ ପ୍ରିୟବ୍ରତ ନାୟକ ଓ ଆୟୁଷ ପଟ୍ଟନାୟକ ଖେଳି ସମସ୍ତ ପ୍ରତିଯୋଗୀମାନଙ୍କୁ ୩-୦ ସେଟ୍‌ରେ ପରାସ୍ତ କରିଥିଲେ । ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅନ୍ୟ ଖେଳାଳିମାନେ ହେଲେ ଉପେନ୍ଦ୍ର ନାୟକ, ବିଶ୍ୱାସ ଦାସ ଏବଂ ଅଜିତ କୁମାର ଦାସ । ଖେଳାଳିମାନଙ୍କୁ ତାଙ୍କର ଏହି ବିରଳ ସଫଳତା ପାଇଁ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ଉପାଧ୍ୟକ୍ଷା ସଂଘମିତ୍ରା ରାଉତ, ଆଥଲେଟିକ ଉପ-ସଭାପତି ମଦନ ମୋହନ ସାହୁ ଓ ଅଧ୍ୟାପିକା ସାଗରୀକା ପଣ୍ଡା, ସବିତାରାଣୀ ଦାସ, ସ୍ମୃତା ପାଳ, ଦେବଶ୍ରୀତା ବିଶ୍ୱାଳ, ଦେବୀଦତ୍ତ ରାଉତ, ପୂର୍ଣ୍ଣିମା ମହାନ୍ତି, ତୃପ୍ତି ଦାସ ଏବଂ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି ।

ଏବିଭିପି ଭଦ୍ରକ ପକ୍ଷରୁ ଚରମ୍ପା ମହାବିଦ୍ୟାଳୟରେ କ୍ୟାମ୍ପସ ୟୁନିଟ୍ ଗଠନ

ଭଦ୍ରକ, ୨୩/୧୧ (ନି.ପ୍ର): ଦେଶର ସର୍ବ ବୃହତ୍ତମ ରାଷ୍ଟ୍ରବାଦୀ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଭଦ୍ରକ ନଗର ପକ୍ଷରୁ ଚରମ୍ପା ମହାବିଦ୍ୟାଳୟରେ ଯୁକ୍ତ ୨ ଏବଂ ଯୁକ୍ତ ୩ ବିଭାଗର କ୍ୟାମ୍ପସ ୟୁନିଟ ଗଠନ କରାଯାଇଛି । ଯୁକ୍ତ ୩ ର ସଭାପତି ଭାବେ ସାହିଲ ବେହେରା, ଉପ ସଭାପତି ଅଭିଜିତ ଦାସ ଏବଂ କିରଣ କୁମାର ମଲ୍ଲିକ, ସମ୍ପାଦକ ଭାବେ ଅଙ୍କିତ ପ୍ରିୟଦର୍ଶନ ସେଠୀ, ସହ ସମ୍ପାଦକ ବିଶ୍ୱଜିତ ନାୟକ, ଆନ୍ଦୋଳନ ପ୍ରମୁଖ ମନୋଜ କୁମାର ନାୟକ, ଏନସିସି ପ୍ରମୁଖ ବନମାଳୀ ବେହେରାଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଯୁକ୍ତ ୨ ବିଭାଗର ସଭାପତି ଆୟୁଷ ପାଣିଗ୍ରାହୀ, ଉପ ସଭାପତି ଭାବେ ମନୋଜ କୁମାର ବାରିକ, ରାଜେଶ କୁମାର ଦାସ, ଆୟୁଷ କୁମାର ଦାସ, ଅଭିଳାଷ ଦାସ, ସମ୍ପାଦକ ଶୁଭମ ରାଉତ, ସହ ସମ୍ପାଦକ ଭାବେ ଗୌତମ ଜ୍ୟୋତି ଦାସ, ରାକେଶ ଚୌଧୁରୀ, ଶୁଭଙ୍କର ନାୟକ ଏବଂ ଆକାଶ ଦାସ, କ୍ରୀଡ଼ା ପ୍ରମୁଖ ଅଭିଳାଷ ତ୍ରିପାଠୀ, ଆନ୍ଦୋଳନ ପ୍ରମୁଖ ଭରତ ସାମଲ ଏବଂ ସୌମ୍ୟବ୍ରତ ସାହୁଙ୍କ ନାମ ଏବିଭିପିର ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ଘୋଷଣା କରିଛନ୍ତି । ଆଗାମୀ ଦିନରେ ଚରମ୍ପା ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ଉଚିତ ପଦକ୍ଷେପ ନିଆଯିବ ବୋଲି ସଂଗଠନ ସମ୍ପାଦକ ଗୋପବନ୍ଧୁ ଜେନା ପ୍ରକାଶ କରିଛନ୍ତି ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଇଷ୍ଟଜୋନ ପୁରୁଷ ବିଭାଗ କବାଡି ପ୍ରତିଯୋଗିତା ଆଜି

ବାରିପଦା,୨୩/୧୧ (ନି.ପ୍ର): ପ୍ରଥମ ଥର ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଇଷ୍ଟ ଜୋନ ପୁରୁଷ ବିଭାଗ କବାଡି ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି । ଏହି ପ୍ରତିଯୋଗିତା ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖରେ ଉଦ୍‌ଯାପିତ ହେବ । ଗ୍ରୁପ-ଏ ମ୍ୟାଚରେ ୧୪ଟି ବିଶ୍ୱବିଦ୍ୟାଳୟ, ଗ୍ରୁପ-ବିରେ ୧୪ଟି ବିଶ୍ୱବିଦ୍ୟାଳୟ, ଗ୍ରୁପ୍ - ସିରେ ୧୫ଟି ବିଶ୍ୱବିଦ୍ୟାଳୟ ଏବଂ ଗ୍ରୁପ-ଡିରେ ୧୫ଟି ବିଶ୍ୱବିଦ୍ୟାଳୟ ତଥା ସର୍ବମୋଟ ୫୮ଟି ବିଶ୍ୱବିଦ୍ୟାଳୟ ବାରିପଦାରେ ଅଂଶ ଗ୍ରହଣ କରିବେ । ସକାଳ ମ୍ୟାଚ ୭.୩୦ମିନିଟରେ ଆରମ୍ଭ ହେବ ଏବ ପୂର୍ବାହ୍ନ ମ୍ୟାଚ ଦିନ ୨ଟାରେ ଆରମ୍ଭ ହେବ । ବିଶ୍ୱବିଦ୍ୟାଳୟ ଟିମ ମାନେ ଫିକ୍ସଚର ଅନୁସାରେ ଖେଳ ଆରମ୍ଭ ହେବାର ୩୦ ମିନିଟ ପୂର୍ବରୁ ରିପୋର୍ଟ କରିବେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପ୍ରଥମ ଥର ପାଇଁ ଏଭଳି ଏକ ପ୍ରତିଯୋଗିତା ହାତକୁ ନେଇଥିବାରୁ ଖେଳାଳି ଏବଂ ଖେଳପ୍ରେମୀ ମାନେ ବେଶ୍ ଉତ୍ସାହିତ ଥିବାର ଦେଖାଯାଉଛି । ସେହିପରି ବିଶ୍ୱବିଦ୍ୟାଳୟ କୁଳପତି ତଥା ପି.ଜି. କାଉନସିଲ ଚେୟାରମେନ ପ୍ରଫେସର ପ୍ରମୋଦ କୁମାର ଶତପଥୀ, କୂଳ ସଚିବ ସହଦେବ ସମାଧୂୟା, କଣ୍ଟ୍ରୋଲର ଅଫ୍ ଫାଇନାନ୍ସ ସୁଖଦେବ ତରାଇ, ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ଲକ୍ଷ୍ମୀଧର ଗିରି, ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କାଉନସିଲ ସେକ୍ରେଟେରୀ ଡ. ପ୍ରଭଞ୍ଜନ ମଲ୍ଲିକ, ଖେଳ ଶିକ୍ଷକ ପ୍ରଦୀପ୍ତ ରଂଜନ ଦାସ, ଇଷ୍ଟ ଜୋନ ଖେଳ ପରିଚାଳନା ନିମନ୍ତେ ବେଶ୍ ଉତ୍ସାହିତ ଅଛନ୍ତି । ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ସମସ୍ତ ଖେଳ ଶିକ୍ଷକ, ଖେଳାଳି ଏବଂ ଅଧ୍ୟକ୍ଷ ମାନଙ୍କର ସହଯୋଗରେ ଇଷ୍ଟ ଜୋନ କବାଡି ପ୍ରତିଯୋଗିତା ଠିକ୍ ଭାବରେ ପରିଚାଳିତ ହେବ ବୋଲି କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ କହିଛନ୍ତି । ଏହି ବର୍ଷ ବିଶ୍ୱବିଦ୍ୟାଳୟ ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ବାରିପଦାବାସୀ ଯେଭଳି ଉତ୍ସାହର ସହିତ ସାହାଯ୍ୟ କରିଥିଲେ, ସେହିଭଳି ସାହାଯ୍ୟ ଇଷ୍ଟଜୋନ କବାଡି ପ୍ରତିଯୋଗିତାରେ ମୟୂରଭଞ୍ଜବାସୀ, ଜନପ୍ରତିନିଧି ଓ ସାମ୍ବାଦିକ ବନ୍ଧୁମାନେ ସାହାଯ୍ୟ କରିବେ ବୋଲି କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଏବଂ କୁଳସଚିବ ସହଦେବ ସମାଧୂୟା ଆଶା ବ୍ୟକ୍ତ କରିଛନ୍ତି ।

ଅମର୍ଦ୍ଦା ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ନିଷ୍ପତ୍ତିକୁ ନେଇ ଧନ୍ୟବାଦ ଦେଲା 'ଭଏସ ଅଫ ବାଲେଶ୍ୱର'

ବାଲେଶ୍ୱର,୨୩/୧୧ (ନି.ପ୍ର): ଉତ୍ତର ଓଡ଼ିଶାର କେନ୍ଦ୍ରସ୍ଥଳ ତଥା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ସୀମାନ୍ତ ରାସଗୋବିନ୍ଦପୁରରେ ଥିବା ବ୍ରିଟିଶ ଅମଳର ଅମର୍ଦ୍ଦା ଏୟାରଷ୍ଟ୍ରିପକୁ 'ଉଡ଼ାଣ' ଯୋଜନାରେ ସାମିଲ କରିବା ନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଘୋଷଣାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ତେବେ ସରକାରଙ୍କ ନିଷ୍ପତ୍ତିକୁ ନେଇ ଏହି ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ପାଇଁ ଦୀର୍ଘଦିନ ଧରି ଦାବି କରି ଆସୁଥିବା 'ଉତ୍ତର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦ' ବିଶେଷ ଖୁସୀ ପ୍ରକାଶ କରିଛି ।ଏହି ପରିପ୍ରେକ୍ଷୀରେ 'ଉତ୍ତର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦ'ର ଅଂଶୀଦାର ସଂଗଠନ 'ଭଏସ ଅଫ ବାଲେଶ୍ୱର' ପକ୍ଷରୁ ବୁଧବାର ଅପରହ୍ଣରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଏୟାରଷ୍ଟ୍ରିପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ପ୍ରତିରକ୍ଷା ବିଭାଗ ଅଧୀନରେ ଥିବା ଏହି ଏୟାରଷ୍ଟ୍ରିପର ୬୦୦ ଏକର ଜମିରୁ ୧୬୦ ଏକର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗକୁ ହସ୍ତାନ୍ତର ହେବ । ରାଜ୍ୟ ସରକାର ୨୬.୩ କୋଟି ଟଙ୍କା ବିନିମୟରେ ଏହି ଜମିକୁ ହସ୍ତାନ୍ତର କରିବେ । ପରେ ଆନ୍ତଃରାଜ୍ୟ ବିମାନ ଚଳାଚଳ ପାଇଁ ଉପକ୍ରମ ଆରମ୍ଭ ହେବ ବୋଲି ଭଏସ ବାଲେଶ୍ୱର କର୍ମକର୍ତ୍ତା କହିଛନ୍ତି । ତେବେ 'ଉତ୍ତର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦ' ପକ୍ଷରୁ ଦୀର୍ଘଦିନର ହେଉଥିବା ଦାବି ତଥା ଆନ୍ଦୋଳନ ଏବଂ ଭଏସ ଅଫ ବାଲେଶ୍ୱର ନେତୃତ୍ୱରେ ରାସଗୋବିନ୍ଦପୁରରୁ ରାଜଭବନ ପର୍ଯ୍ୟନ୍ତ ଚାଲିଥିବା ସ୍ୱାଭିମାନ ପଦଯାତ୍ରା ସାର୍ଥକ ହୋଇଛି ବୋଲି ସେମାନେ ଖୁସୀର ସହ ପ୍ରକାଶ କରିଛନ୍ତି ।ଏନେଇ ସଂଗଠନର କର୍ମକର୍ତ୍ତାମାନେ ରାଜ୍ୟପାଳ, ରାଷ୍ଟ୍ରପତି, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କ ସମେତ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବିଜେଡିର ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜଣାଇଛନ୍ତି । ସଂଗଠନର କର୍ମକର୍ତ୍ତା ଅରଜିତ ଘୋଷାଲ, ଡ. ଶ୍ରୀମାନ ଶ୍ରୀଚନ୍ଦନ, ଅସିତ ଦାସ, ନିଶିଥ ବାରିକ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

ମନ୍ଦାରଧର ମହାଳିକ ନୀଳଗିରିରେ ନୂତନ ଉପଜିଲ୍ଲାପାଳ

ନୀଳଗିରି, ୨୩/୧୧ (ନି.ପ୍ର): ନୀଳଗିରିର ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀଙ୍କ ଖୋର୍ଦ୍ଧା ଉପଜିଲ୍ଲାପାଳ ଭାବେ ବଦଳି ପରେ କେନ୍ଦ୍ରାପଡ଼ା ଡି.ଆର.ଡି.ଏ.ର ଆଡ଼ିସନାଲ ପି.ଡି. (ପ୍ରଶାସନିକ) ମନ୍ଦାରଧର ମହାଳିକ ନୀଳଗିରିରେ ନୂତନ ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ ଉପଜିଲ୍ଲାପାଳଙ୍କୁ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ସମେତ ଅନ୍ୟାନ୍ୟ ଅଧିକାରୀମାନେ ସ୍ୱାଗତ ଜଣାଇଛନ୍ତି । ନୀଳଗିରି ଏକ ଆଦିବାସୀ ବହୁଳ ଅଂଚଳ ହୋଇଥିବା ବେଳେ ସେମାନଙ୍କରର ମୌଳିକ ଅଧିକାର ସମେତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି ।

ଧର୍ମପ୍ରାଣା ମହିଳାଙ୍କ ବିୟୋଗ

ଖୋର୍ଦ୍ଧା, ୨୩/୧୧ (ନି.ପ୍ର): ଖୋର୍ଦ୍ଧା ନୂଆ ବଧସ୍ତାଣ୍ଡ ନିକଟ, ନିବିନାବାଗ ବାସିନ୍ଦା, ଶ୍ରୀଯୁକ୍ତ ବାମଦେବ ଶତପଥୀ ଶିକ୍ଷାବିତ, ସାହିତ୍ୟିକ ଓ ଅବସର ପ୍ରାପ୍ତ ଶିକ୍ଷା ଅଧିକାରୀ ଖୋର୍ଦ୍ଧାଙ୍କ ଧର୍ମ ପତ୍ନୀ ଲୀଳାବତୀ ଶତପଥୀଙ୍କ ଇହଧାମ ତ୍ୟାଗ ହୋଇଛି । ତାଙ୍କ ଘର ରଣପୁର ନିକଟ ବ୍ରାହ୍ମଣ ଶାସନ ଗ୍ରାମରେ । ସେ ଅତି ଧର୍ମ ପରାୟଣା ଓ ପତି ଭକ୍ତି ମହିଳା । ତାଙ୍କର ଦୁଇ ଝିଅ, ଏକ ପୁଅ । ସମସ୍ତେ ଉଚ୍ଚ ଶିକ୍ଷିତ । ତାଙ୍କ ପୁଅ ବାଙ୍ଗାଲୋର ଏକ ପ୍ରତିଷ୍ଠିତ କମ୍ପାନୀରେ ଯନ୍ତ୍ରୀ । ତାଙ୍କ ମର ଶରୀର ପୁରୀ ସ୍ୱର୍ଗ ଦ୍ୱାରରେ ଦାହ କରାଯାଛି । ସେ କିଛି ଦିନ ହେଲା ରୋଗ ଶଯ୍ୟାରେ ପଡ଼ି ଏକ ଘରୋଇ ଡାକ୍ତରଖାନା ଭୁବନେଶ୍ୱର ଚିକିତ୍ସିତ ହେଉଥିଲେ ।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି । ଲୋକଙ୍କ କଲ୍ୟାଣ ସହ ଓଡ଼ିଆ ଭାଷା, ସାହିତ୍ୟକୁ ଆହୁରି ବ୍ୟାପକ କରିବା କ୍ଷେତ୍ରରେ ନିଜ ବହୁମୂଲ୍ୟ ଅବଦାନ ପାଇଁ ସେ ଚିରକାଳ ଅମର ହୋଇ ରହିବେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା'ର....

ଆଇଏଫଏଫଆଇ ୨୦୨୨ରେ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର ପ୍ରଦର୍ଶିତ ହେଉଛି । ଏ ଚଳଚ୍ଚିତ୍ରର ଏକ ସ୍ୱତନ୍ତ୍ର ଯାତ୍ରା ରହିଛି । ଲେଖକ ଗୌରହରୀ ଦାସଙ୍କ ଏକ କ୍ଷୁଦ୍ର ଗଳ୍ପକୁ ଆଧାର କରି ଚଳଚ୍ଚିତ୍ର କାହାଣୀ ପ୍ରସ୍ତୁତ କରାଯାଇଛି । ଏ ଚଳଚ୍ଚିତ୍ରର କେନ୍ଦ୍ରରେ ରହିଛନ୍ତି ସଞ୍ଜୟ ନାମକ ଜଣେ ମଧ୍ୟବିତ ପରିବାରର ଯୁବକ ଯିଏକି ନିଜ ପିତାଙ୍କ ଅବସର ପୂର୍ବରୁ ସରକାରୀ ଚାକିରିଟିଏ ଖୋଜୁଛନ୍ତି । ତାଙ୍କ ପିତା ବିପିନ ଶୀଘ୍ର ଚାକିରିଟିଏ ଖୋଜିବା ଲାଗି ତାଙ୍କୁ ବାଧ୍ୟ କରୁଛନ୍ତି । କାରଣ ସେ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଓ ପରିବାର ଉପରେ ଋଣ ବୋଝ ବଢ଼ିଚାଲିଛି । ଏହି ସମୟରେ ସଞ୍ଜୟ ଏକ ସରକାରୀ ଯୋଜନା ସମ୍ପର୍କରେ ଜାଣିବାକୁ ପାଉଛନ୍ତି । ଏଥିରେ ମୃତ ସରକାରୀ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ସରକାରୀ ଚାକିରି ମିଳିବାର ବ୍ୟବସ୍ଥା ରହିଛି । ହତାଶ ସଞ୍ଜୟ ନିଜ ଅସ୍ଥିର ମାନସିକ ସ୍ଥିତିକୁ ପ୍ରଶମିତ କରିବା ଲାଗି ପିତାଙ୍କ ମୃତ୍ୟୁକୁ ଅପେକ୍ଷା କରି ରହୁଛନ୍ତି । ପାରିବାରିକ କାହାଣୀ, ବିଶେଷ କରି ପିତାପୁତ୍ରଙ୍କ ଜଟିଳ ସମ୍ପର୍କକୁ ନେଇ ଚଳଚ୍ଚିତ୍ରଟି ପ୍ରସ୍ତୁତ ହୋଇଛି । ଦୀପନ୍ୱିତ ଦାଶମହାପାତ୍ର ଚଳଚ୍ଚିତ୍ରରେ ସଞ୍ଜୟ ଭୂମିକାରେ ଅଭିନୟ କରୁଛନ୍ତି । ସେ ଆଇଏଫଏଫଆଇରେ ଚଳଚ୍ଚିତ୍ରର ସ୍କ୍ରିନିଂକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଏହା ମୋ ପାଇଁ ଏକ ବଡ଼ ମୁହୂର୍ତ୍ତ, କାରଣ ମୁଖ୍ୟ ଅଭିନେତା ଭାବେ ଏହା ମୋ ପାଇଁ ପ୍ରଥମ ଚଳଚ୍ଚିତ୍ର । କିନ୍ତୁ ଓଡ଼ିଶାବାସୀ, ବିଶେଷ କରି ବିଭିନ୍ନ ସମସ୍ୟାକୁ ନେଇ ସଂଘର୍ଷ କରୁଥିବା ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ଏହା ଆହୁରି ବଡ଼ ମୁହୂର୍ତ୍ତ । ଚଳଚ୍ଚିତ୍ରର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ କହିଛନ୍ତି ଯେ, ୧୯୯୯ ମସିହାର ମହାବାତ୍ୟା ପୂର୍ବରୁ ଓଡ଼ିଶାରେ ୧୬୦ଟି ସିନେମା ପ୍ରେକ୍ଷାଳୟ ଥିଲା । ବାତ୍ୟା ପରେ ଏହା ୧୦୦କୁ ଖସି ଆସିଲା ଏବଂ ଏବେ କୋଭିଡ ମହାମାରୀ ପରେ ରାଜ୍ୟରେ ମାତ୍ର ୬୦ଟି ପ୍ରେକ୍ଷାଳୟ ରହିଛି । ମାତ୍ର ୬୦ଟି ପ୍ରେକ୍ଷାଳୟକୁ ନେଇ ଗୋଟିଏ ଚଳଚ୍ଚିତ୍ର ଉଦ୍ୟୋଗ କିପରି ଚାଲି ପାରିବ ବୋଲି ସେ ପ୍ରଶ୍ନ କରିଥିଲେ । ଅନୁପମ ପଟ୍ଟନାୟକ ମଧ୍ୟ ନିଜ ପିତାଙ୍କ ପ୍ରଥମ ଚଳଚ୍ଚିତ୍ର ବିଷୟରେ କହିଥିଲେ ଯାହାକି ଏକ ଜାତୀୟ ପୁରସ୍କାର ଜିତିଥିଲା । ଏବେ ତାଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର ଆଇଏଫଏଫଆଇରେ ପ୍ରଦର୍ଶିତ ହେଉଛି । ଏହା ତାଙ୍କ ପାଇଁ ଏକ ବିଶେଷ ମୁହୂର୍ତ୍ତ ଏବଂ ତାଙ୍କ ପିତାଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ବୋଲି ସେ କହିଥିଲେ । ଅନୁପମ ଖେର ଏହି ଅବସରରେ ପ୍ରତୀକ୍ଷା ଚଳଚ୍ଚିତ୍ରର ରିମେକ୍ ପାଇଁ ଘୋଷଣା କରିବା ସହିତ ଏଥିରେ ପିତା ଭୂମିକାରେ ଅଭିନୟ କରିବା ଲାଗି ଘୋଷଣା କରିଥିଲେ । ଆଇଏଫଏଫଆଇ ଚଳଚ୍ଚିତ୍ରର ଆନନ୍ଦକୁ ଉପଭୋଗ କରିବା ଲାଗି ଏକ ମଞ୍ଚ ଯୋଗାଇ ଦେଇଛି ।

ଗୋଟିଏ ଟେବୁଲରେ ବସେଇ....

୫ଲକ୍ଷ ଟଙ୍କା ମାଗିଥିଲେ । ହେଲେ ଟଙ୍କା ନଦେବାରୁ ଅନ୍ତରଙ୍ଗ ମୁହୁର୍ତ୍ତର ଭିଡିଓ ଭାଇରାଲ କରିବାର ଅଭିଯୋଗ ହୋଇଥିଲା । ପୁରା ବ୍ଲାକମେଲର ମାଷ୍ଟର ମାଇଣ୍ଡ ଥିବା ଅର୍ଜନା ନାଗ, ସେତେବେଳେ ସାମ୍ନାକୁ ଆସିଥିଲେ, ଯେତେବେଳେ ଶ୍ରଦ୍ଧାଞ୍ଜଳି ବେହେରା ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ । ଶ୍ରଦ୍ଧାଞ୍ଜଳିକୁ ମାଧ୍ୟମ କରି ପ୍ରଯୋଜକଙ୍କୁ ଫସାଇବା ନେଇ ଅଭିଯୋଗ ହୋଇଥିଲା । ଅର୍ଜନା ବ୍ଲାକମେଲ କରୁଥିବା, ଥାନାରେ ଫିଲ୍ମ ପ୍ରଯୋଜକ ଅଭିଯୋଗ କରିବା ସହ ଅର୍ଜନା, ଶ୍ରଦ୍ଧାଞ୍ଜଳି କ୍ରାଇମ୍ ପାର୍ଟନର ବୋଲି ଅଭିଯୋଗ ହୋଇଥିଲା । ଶ୍ରଦ୍ଧାଞ୍ଜଳିଙ୍କ ଅଭିଯୋଗ ଆଧାରରେ ଅର୍ଜନା ଗିରଫ ହୋଇଥିବା ବେଳେ ଆର୍ଥିକ କାରବାର ଘଟଣାରେ ଜଣକ ପରେ ଜଣକଙ୍କୁ ଡାକି ଜେରା ଜାରି ରଖିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଚର୍ଚ୍ଚା ହେଉଛି ଏହି ସିଣ୍ଡିକେଟରେ ବଡ଼ ବଡ଼ଙ୍କ ଚେହେରାଙ୍କ ନାଁ ରହିଛି । ଆଗକୁ ଅର୍ଜନାଙ୍କୁ ରିମାଣ୍ଡରେ ଆଣିବ ଇଡି । ଆଶଙ୍କା କରାଯାଉଛି ନିର୍ବାଚନ ପୂର୍ବରୁ ନାଗଫାସରେ ପଡିଥିବା କିଛି ନେତାଙ୍କ ଚେହେରା ସାମ୍ନାକୁ ଆସିପାରେ ।

କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣ

ଗୁରୁବାର, ନଭେମ୍ବର ୨୪, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ପାଇଁ ବରିଷ୍ଠ ନାଗରିକ ମଞ୍ଚର ଦାବି

ବାଲେଶ୍ୱର,୨୩/୧୧ (ନି.ପ୍ର): ସମ୍ପ୍ରତି ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ଓ ଜୀବନ ରକ୍ଷାକାରୀ ଔଷଧ ଦର ଅହେତୁକ ବୃଦ୍ଧି ଆର୍ଥିକ ଅନଗ୍ରସର ପରିବାରର ବୃଦ୍ଧ ଓ ବୃଦ୍ଧାଙ୍କ ପାଇଁ ଦୟନୀୟ ସ୍ଥିତି ସୃଷ୍ଟି କରିଛି। ଅନ୍ୟପକ୍ଷରେ ବାର୍ଦ୍ଧକ୍ୟଭତ୍ତା ବୃଦ୍ଧି ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ହେୟ ମନୋଭାବ ପ୍ରଦର୍ଶନକୁ ନେଇ ବୁଧବାର ନୃତ୍ୟ ସଙ୍ଗୀତ କଳାମନ୍ଦିର ପରିସରରେ ଅନୁଷ୍ଠିତ ବରିଷ୍ଠ ନାଗରିକ ମଞ୍ଚ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ ଉଦବେଗ ପ୍ରକାଶ କରିଛନ୍ତି। ବରିଷ୍ଠ ନାଗରିକଙ୍କୁ ମିଳୁଥିବା ମାସିକ ୫ଶହ ଟଙ୍କା ବାର୍ଦ୍ଧକ୍ୟ ଭତ୍ତାର ପରିମାଣକୁ ସର୍ବନିମ୍ନ ୧୫ଶହ ଅବା ୨ ହଜାର ଟଙ୍କାକୁ ବୃଦ୍ଧି ପାଇଁ ମଞ୍ଚ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ପଡ଼ୋଶୀ ରାଜ୍ୟ ସମେତ ଦେଶର ଅଧିକାଂଶ ରାଜ୍ୟ ସରକାର ମାସିକ ବାର୍ଦ୍ଧକ୍ୟ ଭତ୍ତା୨୫୦୦ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରୁଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ଓଡ଼ିଶା ସରକାର ନିଦାବିଷ୍ଟ ସାଜିଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବୈଠକରେ ଉପସ୍ଥିତ ସଦସ୍ୟମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ମଞ୍ଚର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକରେ ଆରମ୍ଭରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ନବକୃଷ୍ଣ ଚୌଧୁରୀଙ୍କ ୧୨୨ ତମ ଜୟନ୍ତୀରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତାଙ୍କ ଦ୍ୱାରା ପ୍ରଣୀତ ମାତୃଭାଷାକୁ ସରକାରୀ ଭାଷାରେ ପରିଗଣିତ ଆଇନକୁ ଏବର ସରକାର ଯୁଦ୍ଧିକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ମଞ୍ଚର ସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରା ମତବ୍ୟକ୍ତ କରିଥିଲେ। ଜିଲ୍ଲାର ଅସହାୟ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମଙ୍କ ଥଇଥାନ ଓ ପୁନର୍ବାସ ଲାଗି ସରକାରଙ୍କ ପ୍ରସ୍ତାବିତ ଜିଲ୍ଲାସ୍ତରୀୟ ସମନ୍ୱିତ ଭିତ୍ତଭୂମି କମ୍ପ୍ଲେକ୍ସ ପ୍ରତିଷ୍ଠା ସକାଶେ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ଲଗାତର ଉଦ୍ୟମକୁ ନେଇ ବୈଠକରେ ଉପସ୍ଥିତ ସଦସ୍ୟମାନେ ସାଧୁବାଦ ଜଣାଇଥିଲେ। ସେହିଭଳି ପୂର୍ବରୁ ପ୍ରଚଳିତ ବରିଷ୍ଠ ନାଗରିରକଙ୍କ ରେଳଭଡ଼ା ରିହାତି ବ୍ୟବସ୍ଥାକୁ ପୁନର୍ବିଚାର ପାଇଁ ଦାବି ହୋଇଥିଲା। ଅନ୍ୟପକ୍ଷରେ ବାଲେଶ୍ୱର ସରକାରୀ ମେଡିକାଲ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୨୮ତାରିଖ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଗଣଧାରଣା ନିଷ୍ପତ୍ତିକୁ ବୈଠକରେ ଦୃଢ଼ ସମର୍ଥନ କରାଯାଇଥିଲା।

ଜାନୁଆରୀ ୨୬ରୁ ଚାନ୍ଦିପୁର ବେଳାଭୂମି ମହୋତ୍ସବ

ବାଲେଶ୍ୱର, ୨୩/୧୧ (ନି.ପ୍ର): ୨୩ତମ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ ଆୟୋଜନ ସମ୍ପର୍କିତ ଏକ ବୈଠକ ସ୍ଥାନୀୟ ସଦଭାବନା ଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ପର୍ଯ୍ୟଟନ ଅଧିକାରୀ ଗଗନ ସାହୁ, ବେଳାଭୂମି ମହୋତ୍ସବ କମିଟି ସଭାପତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସାଧାରଣ ସମ୍ପାଦକ ଆଇନଜୀବୀ ହରେକୃଷ୍ଣ ଦାଶ, ଉପ-ସଭାପତି ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସମ୍ପାଦକ କିଶୋର ଦାସ, ଭାଗବତ ସାହୁ ଓ ସମରେନ୍ଦ୍ର ନାଥ ଦାସ ଏବଂ କୋଷାଧ୍ୟକ୍ଷ

ମାଧବାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ୨୩ତମ ସୁବର୍ଣ୍ଣ ବେଳାଭୂମି ମହୋତ୍ସବର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆସନ୍ତା ଜାନୁଆରୀ ୨୬ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲାପାଳଙ୍କ ପ୍ରସ୍ତାବ କ୍ରମେ ଏହି ମହୋତ୍ସବର ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଗଲା।ଏଥି ସହିତ ୧୩ ଗୋଟି ସବ-କମିଟି ମଧ୍ୟ ଗଠନ କରାଗଲା। ୪ଦିନିଆ ମହୋତ୍ସବରେ ବିଦ୍ୟୁତ ବିଭ୍ରାଟ ରୋକିବା ତଥା ଆବଶ୍ୟକ ଲୋଡ଼ ଉପଲବ୍ଧ ପାଇଁ ଅସ୍ଥାୟୀ ଟ୍ରାନ୍ସଫର୍ମାର ବସାଇବାକୁ ଏହି ବୈଠକରେ ଧାର୍ଯ୍ୟ ହୋଇଛି। ସେହିଭଳି ମହୋତ୍ସବ ଆରମ୍ଭ ପୂର୍ବରୁ ଚାନ୍ଦିପୁରକୁ ସଂଯୋଗ କରୁଥିବା ରାସ୍ତାର ମରାମତି ଶେଷ ପାଇଁ ଗୁରତ୍ୱ ଦିଆଯାଇଛି। ଜନଗହଳି ନିୟନ୍ତ୍ରଣ ସାଙ୍ଗକୁ ଯାନବାହନ ଷ୍ଟାଣ୍ଡ ସ୍ଥାନ ନିରୂପଣ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଅବଲମ୍ବନ କଡ଼ାକଡ଼ି କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ଗାଡ଼ିଷ୍ଟାଣ୍ଡ ପାଇଁ ସ୍ଥାନ ନିରୂପଣରେ ସ୍ଥାନୀୟ ସରପଞ୍ଚ ତପନ ଜେନା ପୁଲିସକୁ ସହଯୋଗ କରିବେ ବୋଲି ଏହି ବୈଠକରେ ସମ୍ମତି ଦେଇଛନ୍ତି। ମହୋତ୍ସବର ପ୍ରତି ସଂଧ୍ୟାରେ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ବଲିଉଡ ଷ୍ଟାର ଓ ଟ୍ରୁପଙ୍କୁ ଆଣିବା ପାଇଁ ସିଦ୍ଧାନ୍ତ ହୋଇଛି। ପ୍ରତିବର୍ଷ ଭଳି ଉତ୍ସବ କମିଟି ପକ୍ଷରୁ ଏଥିର ମଧ୍ୟ ସ୍ମରଣିକା 'ସୁବର୍ଣ୍ଣସିକତା' ପ୍ରକାଶ ପାଇବ ଓ ଏଥିରେ ପ୍ରମୁଖ ଫଟୋଗୁଡ଼ିକ ସ୍ଥାନୀତ କରାଯିବ। ସଂସ୍କୃତି ସମ୍ପନ୍ନ ବାଲେଶ୍ୱର ଜିଲା ପାଇଁ ଗୌରବ ଆଣିଥିବା ଏହି ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବକୁ ସରସ ସୁନ୍ଦର ତଥା ଆକର୍ଷଣୀୟ କରିବା ନିମନ୍ତେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ଜିଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସାଂସ୍କୃତିକ ଅଧିକାରୀ ଆଶିଷ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ମହୋତ୍ସବ କମିଟି କର୍ମକର୍ତ୍ତା ଡ. ଶ୍ରୀମାନ ଶ୍ରୀଚନ୍ଦନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଲୋଧା ପିଲାଙ୍କୁ ଆଡ଼ ଆଖି : ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି ଗୋଟିଏ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ

ଉଦଳା,୨୩/୧୧ (ନି.ପ୍ର): ୨୦୧୦ ମସିହାରୁ ଶିଶୁଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷାଅଧିକାର ଆଇନ ସାରା ଦେଶରେ କାର୍ଯ୍ୟକାରୀ ହେଉଛି । ଏଥିପାଇଁ ସରକାର ବେଶ ତତ୍ପରତା ପ୍ରକାଶ କରୁଥିବାର କଥା ଶୁଣିବାକୁ ମିଳୁଛି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ବୋଲି ବଣିଆଦରହ ଗ୍ରାମକୁ ଗଲେ ବେଶ ଭଲ ଭାବରେ ବୁଝି ହେବ । ଉଦଳା ବ୍ଲକର ପାଟଶାଣୀପୁର ପଞ୍ଚାୟତ ଅନ୍ତର୍ଗତ ବଣିଆଦରହ ଗ୍ରାମରେ ୬୦ଟି ଲୋଧା ପରିବାର ବସବାସ କରି ଆସୁଅଛନ୍ତି । ଏଠାରେ ପିଲାମାନେ ଅଙ୍ଗନୱାଡ଼ି ପାଠ ସାରିବା ପରେ ଆଉ ବିଦ୍ୟାଳୟରେ ନାମ ଲେଖାଉ ନାହାଁନ୍ତି । ଗୋରୁ ମୁଣିବା ଓ

ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ଲୋକଙ୍କୁ ସହଯୋଗ କରୁଥିବାର ଜଣା ଯାଉଛି । ପାଖରେ ବିଦ୍ୟାଳୟ ନଥିବାରୁ ପିଲାମାନେ ନାମ ଲେଖାଇପାରୁ ନଥିବାର କଥା ଗ୍ରାମବାସୀ ମାନେ ଅଭିଯୋଗ କରୁଛନ୍ତି। ବିଦ୍ୟାଳୟ ଠାରୁ ଦୂରରେ ଏତେଗୁଡ଼ିଏ ପିଲା ଥିବା ବେଳେ ଶିକ୍ଷା ବିଭାଗର ଅଧିକାରୀ ମାନଙ୍କର ଦୃଷ୍ଟି ଉକ୍ତ ଗ୍ରାମ ଉପରେ ପଡ଼ିନାହିଁ କିପରି ବୋଲି ଜନଜାଗୃତି ମଞ୍ଚର ସଦସ୍ୟ ରୂପାଏ ବାସ୍ତେ ପ୍ରଶ୍ନ କରିଛନ୍ତି। ଉଦଳାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକଙ୍କର କାର୍ଯ୍ୟାଳୟ ରହିଛି। ଲୋଧା ସମ୍ପ୍ରଦାୟ ଲୋକଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସରକାରୀ ନିର୍ଦ୍ଦେଶନାମା ଥିବା ସ୍ୱତ୍ତ୍ୱେ ପ୍ରକଳ୍ପ ପ୍ରଶାସକ ଉକ୍ତ ଗ୍ରାମର ବାସିନ୍ଦାଙ୍କ ପ୍ରତି କାହିଁକି ଦୃଷ୍ଟି ଦେଉନାହାଁନ୍ତି ବୋଲି ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ହକି ବିଶ୍ୱକପର ପ୍ରଥମ ଟିକେଟ୍ ନେଲେ ନବୀନ

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ହକି ବିଶ୍ୱକପ ପାଇଁ ପ୍ରଥମ ଟିକେଟ କିଣିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବୁଧବାର ହକି ଇଣ୍ଡିଆ ଅଧକ୍ଷ ଦିଲ୍ଲୀପ ତିର୍କୀ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଟିକେଟ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଏସମ୍ପର୍କରେ ସୂଚନା ଦେଇଛନ୍ତି। ଓଡିଶାରେ ଆଉଏକ ହକି ମହାକୁମ୍ଭ ଦେଖିବାପାଇଁ ବିଶ୍ୱର ସମସ୍ତ ହକି ପ୍ରେମୀ ପ୍ରସ୍ତୁତ ଥିବା ସେ ଆଶା ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ବର୍ଷ ଜାନୁଆରୀ ୧୩ରେ ଓଡ଼ିଶାରେ ଆରମ୍ଭ ହେବାକୁ ଯାଉଛି ହକି ବିଶ୍ୱକପ୍ । ଉଭୟ ଭୁବନେଶ୍ୱର ଓ ରାଉରକେଲାରେ ଏହି ମ୍ୟାଚ୍ ଖେଳାଯିବ।

ମହାରାଷ୍ଟ୍ରର ନାସିକ ଏବଂ ପାଲଘରରେ ଭୂମିକମ୍ପର ଝଟକା

ମୁମ୍ବାଇ,୨୩/୧୧ (ନି.ପ୍ର): ବୁଧବାର ସକାଳେ ମହାରାଷ୍ଟ୍ର, ନାଶିକ ଏବଂ ପାଲଘରର ଦୁଇଟି ଜିଲ୍ଲାରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ନ୍ୟାସନାଲ ସେଂଟର ଫର ସେସମୋଲୋଜି ଅନୁଯାୟୀ, ନାଶିକରେ ରିକ୍ଟର ସ୍କେଲରେ ୩.୬ ଏବଂ ପାଲଘରରେ ୩.୪ ଭୂକମ୍ପର ତୀବ୍ରତା ରେକର୍ଡ଼ କରାଯାଇଛି । ଉଭୟ ଜିଲ୍ଲା ପକ୍ଷରୁ କୌଣସି କ୍ଷୟକ୍ଷତି ହୋଇନାହିଁ । ନ୍ୟାସନାଲ ସେଂଟର ଫର ସେସମୋଲୋଜି ଅନୁଯାୟୀ, ନାଶିକ୍ ଠାରୁ ୮୯ କିଲୋମିଟର ଦୂରରେ ଆଜି ସକାଳ ପ୍ରାୟ ୪.୦୪ ସମୟରେ ରିକ୍ଟର ସ୍କେଲରେ ୩.୬ ତୀବ୍ରତା ବିଶିଷ୍ଟ ଏକ ଭୂକମ୍ପ ଘଟିଛି । ଭୂକମ୍ପର ଗଭୀତର ୫ କିଲୋମିଟର ତଳେ ଥିଲା । ପାଲଘରର ଦହାନୁ ତଲାସରୀ ତହସିଲରେ ସକାଳ ୩.୦୪ରେ ଭୂକମ୍ପ କମ୍ପନ ଅନୁଭୂତ ହୋଇଥିଲା । ୨୦୧୮ ଠାରୁ ପାଲଘରରେ ଅନେକ ଭୂକମ୍ପ ଅନୁଭୂତ ହୋଇଛି ।

୫ମ ମୟୂରଭଂଜ ମହୋତ୍ସବ ଉଦ୍‌ଘାଟିତ : ମହୋତ୍ସବ ଭାଇଚାରାର ପରଂପରାକୁ ମଜଭୁତ କରିଥାଏ

ବାରିପଦା, ୨୩/୧୧ (ନି.ପ୍ର): ୫ମ ମୟୂରଭଂଜ ମହୋତ୍ସବ ଆଜି ସଂଧ୍ୟାରେ ବିଧିବଦ୍ଧ ଭାବେ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ଜଳଶକ୍ତି ଏବଂ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଯୋଗଦେଇ ମୟୂରଭଂଜ କଳାସଂସ୍କୃତିର ମାଟି ଏବଂ ମହୋତ୍ସବ ଭାଇଚାରାର ପରଂପରାକୁ ମଜଭୁତ କରିଥାଏ ବୋଲି କହିଥିଲେ । ବାରିପଦା ଛଉପଡିଆ ଠାରେ ଉଦଘାଟିତ ହୋଇଥିବା ମହୋତ୍ସବ ରେ ସମ୍ମାନୀତ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ମୟୂରଭଂଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଂଜଦେଓ, ମହାରାଣି ରଶ୍ମୀ ରାଜ୍ୟଲକ୍ଷ୍ମୀ ଭାଜଦେଓ ମୟୂରଭଂଜର କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ମୟୂରଭଂଜ ମହୋତ୍ସବର ପ୍ରୟାସକୁ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧକ୍ଷ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମହୋତ୍ସବ କମିଟିର ସଭାପତି ସିନେ କଳାକାର ଅସିତ ପତି, କାର୍ଯ୍ୟକାରୀ ସଭାପତି ସଂଜୀବ କୁମାର ଦିଓ୍ୱେଦୀ, ସମ୍ପାଦକ କଳିଙ୍ଗକେଶରୀ ଜେନା ପ୍ରମୁଖ ଯୋଗଦେଇ ମୟୂରଭଂଜିଆ ଭାବରେ ସମସ୍ତେ ମହୋତ୍ସବରେ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ । ତେବେ ଆଜି ଠାରୁ ନଭେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ପ୍ରତିଦିନ ସଂଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ବେଳେ, ଓଡ଼ିଆ ସିନେ ଜଗତର ଆଦିବାସୀ ସଂଗୀତ ଜଗତର ବହୁ ସୁପାରଷ୍ଟାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ମହୋତ୍ସବରେ ୧୫୦ରୁ ଉର୍ଦ୍ଧ ଷ୍ଟଲ ଖୋଲି ଥିବା ବେଳେ, ପ୍ରତିଦିନ ସନ୍ଧ୍ୟା ୫ ଟାରୁ ରାତ୍ର ୧୦ ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ

ଭଦ୍ରକ,୨୩/୧୧ (ନି.ପ୍ର): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ମଠସାହି ଭଦ୍ରକ ଆନୁକୂଲ୍ୟରେ ଏକ ସାମ୍ବାଦିକ ସମ୍ମିଳନୀ ବିକଶିତ ଭାରତ ପାଇଁ ସମାଧାନ ଭିତ୍ତିକ ସାମ୍ବାଦିକତା ଶୀର୍ଷକ ଉପରେ ଆଲୋଚନା ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଭଦ୍ରକ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ମାଉଣ୍ଟ ଆବୁ ରାଜସ୍ଥାନର ଜାତୀୟ ସଂଯୋଜକ ରାଜଯୋଗୀ ବ୍ରହ୍ମକୁମାର ଶୁଶାନ୍ତ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ମିଡ଼ିଆ ସଂଯୋଜକ ବ୍ରହ୍ମକୁମାର ନଥମଲ, କଟକ, ପ୍ରେରଣା ଦାୟୀ ବକ୍ତା ରୂପେ ଫରିଦାବାଦରୁ ବ୍ରହ୍ମାକୁମାରୀ ପୁନମ, ସମ୍ମାନିତ ଅତିଥି ରୂପେ ଉତ୍କଳ ସାମ୍ବାଦିକ ସଂଘ, ଭଦ୍ରକର ସଭାପତି ରବିନାରାୟଣ ଖିଲାର ଏବଂ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଭଦ୍ରକର ସଂଞ୍ଚାଳିକା ଭଉଣୀ ବ୍ରହ୍ମାକୁମାରୀ ମଞ୍ଜୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଦିବଗତ ଆତ୍ମା ଧରିତ୍ରୀ ସାମ୍ବାଦିକ ବିଭୁ ପ୍ରସାଦ ବେହେରାଙ୍କ ପାଇଁ ୨ମିନିଟ ପରମାତ୍ମାଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।

ବିଧାନସଭା ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କର ୧୨୧ତମ ଜୟନ୍ତୀ ଓଡ଼ିଶା ବିଧାନସଭା ପରିସରରେ ବୁଧବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି । ବାଚସ୍ପତି ବିକ୍ରମ କେଶରୀ ଆରୁଖ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଓଡ଼ିଶା ମାଟିର ଏହି ପ୍ରଥିତଯଶା ବରପୁତ୍ରଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜଙ୍ଗଲ, ପରିବେଶ , ପଂଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭୁବନେଶ୍ୱର (ମଧ) ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବିଧାନସଭା ସଚିବ ଦାଶରଥୀ ଶତପଥୀ, ନିର୍ଦ୍ଦେଶକ (ଗବେଷଣା) କୃପାସିନ୍ଧୁ ମିଶ୍ର ଏବଂ ବିଧାନସଭାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ (ଗବେଷଣା) ଶିବପ୍ରସାଦ ପଟ୍ଟନାୟକ ଜୟନ୍ତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

'ମୋନା' ପକ୍ଷରୁ ନବକୃଷ୍ଣ ଚୌଧୁରୀ ଜୟନ୍ତୀ

ବାଲେଶ୍ୱର,୨୩/୧୧ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମୋନା) ବାଲେଶ୍ୱର ଜିଲା ଶାଖା ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସମାଜବାଦୀ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଉତ୍ସବ ସ୍ଥାନୀୟ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ପରିସରରେ ବୁଧବାର ପାଳିତ ହୋଇଯାଇଛି। ସଂଗଠନର କର୍ମକର୍ତ୍ତା ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଯୁଗଜନ୍ମା ନବକୃଷ୍ଣଙ୍କ ଜୟନ୍ତୀ ଉତ୍ସବ ବିଭିନ୍ନ ଅଞ୍ଚଳରେ ସରକାରୀ ଓ ବେସରକାରୀ ସ୍ତରରେ ପାଳନ ହେବା ଉଚିତ

ବୋଲି ମତ ଦେଇଥିଲେ। ଶିକ୍ଷାବିତ ଡ. ହରିଶ୍ଚନ୍ଦ୍ର ବେହେରା, ସିଦ୍ଧିବିନାୟକ ବିଦ୍ୟାଳୟର ନିର୍ଦ୍ଦେଶକ ସୁଧାଂଶୁ ଶେଖର ପଣ୍ଡା, ଅନୁଷ୍ଠାନର ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା ପ୍ରମୁଖ ନବକୃଷ୍ଣ ଚୌଧୁରୀଙ୍କ ଜୀବନାଦର୍